Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ଆଧ୍ୟାତ୍ମ ପତ୍ରିକା

ପଞ୍ଚତ୍ରିଂଶ ବର୍ଷ ◆ ଚତୁର୍ଥ ସଂଖ୍ୟା ◆ ସେପ୍ଟେମ୍ବର ୨୦୨୫

*Work only for the Divine.*

WR/108

**–The Mother**

କେବଳ ଭଗବାନଙ୍କ ନିମିତ୍ତ କର୍ମ କର ।

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

୧୮.୧୦.୧୯୨୫ - ୧୮.୧୦.୨୦୨୬



ପୂଜ୍ୟ ଦାଦା

(ଶ୍ରୀ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ)ଙ୍କର

ଏକଶତ ଦୁଇ ଜନ୍ମବାର୍ଷିକୀରେ

ଓଡ଼ିଶାର ସମସ୍ତ ମାତୃସନ୍ତାନଗଣଙ୍କ

ତରଫରୁ ମାତୃଭବନ ପତ୍ର

ପୂଜ୍ୟ ଦାଦାଙ୍କୁ ଗଭୀର କୃତଜ୍ଞତାର ସହିତ

ସ୍ମରଣ କରୁଅଛି।

# ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ମା'ଙ୍କ କୃପା ତଥା ଆପଣମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଉତ୍ସାହ ତଥା ଅଭୀପ୍ସାରୁ ଆଜି ସ୍କୁଲ ଏପରି ଗଢ଼ି ଉଠିଛି। ଭବିଷ୍ୟତରେ ମଧ୍ୟ ଉନ୍ନତି ହେବ ଏବଂ କଲେଜ ମଧ୍ୟ ହେବ। ସ୍କୁଲର ଭବିଷ୍ୟତ ଉଜ୍ଜ୍ୱଳ ନିଶ୍ଚୟ। ଆପଣମାନଙ୍କ ସେବା ଚିର ସ୍ମରଣୀୟ ହୋଇରହିବ।

ବର୍ତ୍ତମାନ ଯେଉଁ ବିଭେଦ ମତଭେଦ ହେଉଛି ତା'ର କାରଣ ହେଉଛି ରୂପାନ୍ତର ଚାଲିଛି। ଆମ୍ଭମାନଙ୍କର ପୂର୍ବ ପ୍ରଣାଳୀ ଅର୍ଥାତ୍ ସାମାଜିକ ବ୍ୟବହାରିକ ପ୍ରଣାଳୀରେ କର୍ମ କରୁଛୁ। ଆଧ୍ୟାତ୍ମିକ ପ୍ରଣାଳୀରେ କିପରି କର୍ମ କରିବାକୁ ହେବ ତାହା ଆମ୍ଭେମାନେ ବୁଝିପାରୁ ନାହୁଁ କିମ୍ବା ଆଚରଣ କରିପାରୁ ନାହୁଁ। ସେହି କାରଣରୁ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରହୁ ନାହିଁ। ମା'ଙ୍କ କାର୍ଯ୍ୟରେ ବ୍ୟାହତ ଘଟୁଛି। ଏହି ବିଭେଦ ମଧ୍ୟଦେଇ ସାମଞ୍ଜସ୍ୟ ପ୍ରଣାଳୀରେ କର୍ମ କରିବାକୁ ପରିସ୍ଥିତି ବାଧ୍ୟ କରିବ। କିନ୍ତୁ ସମୟ ଲାଗିବ।

ବର୍ତ୍ତମାନ ସବୁଠାରୁ ଉତ୍ତମ ଭାବ ହେଲା ନିଜେ ଉତ୍ତମ ରୂପେ ମା'ଙ୍କ ସେବା ଭାବରେ କର୍ମ କରି ଚାଲିବା। ସେହି କର୍ମ ଆମର ସାଧନା ତଥା ଜୀବନର ଉନ୍ନତିରେ ମହାନ ସହାୟକ ହେବ। ବାଧାବିଘ୍ନ ଆସିବ କିନ୍ତୁ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଭରସା ରଖିଲେ ମା'ଙ୍କ କୃପାରୁ ତାହା ଦୂର ହେବ।

**୧୬.୪.୮୦**

ନୂତନ କଲେଜ ପ୍ରତିଷ୍ଠା କାର୍ଯ୍ୟ ବିଷୟରେ ଲେଖିଥିବା ପତ୍ର ପାଇଥିବେ। ପ୍ରଥମରେ ଆପଣ କମିଟିରେ ଯାହାକୁ ରଖିବେ ସେମାନଙ୍କ ସହିତ କଥାବାର୍ତ୍ତା କରି ଠିକ୍ କରନ୍ତୁ। କମିଟିରେ ଅଳ୍ପ ଲୋକ ରଖନ୍ତୁ। ଭଲ ଲୋକ ତଥା କାର୍ଯ୍ୟ କରିବା ସାମର୍ଥ୍ୟ ଥିବା ଲୋକ ଦରକାର।

ମା'ଙ୍କ କୃପାରୁ ଟଙ୍କାର ଅଭାବ ହେବ ନାହିଁ। ଆନ୍ତରିକତା ସହ କାର୍ଯ୍ୟ କଲେ ମା'ଙ୍କ ଶକ୍ତି ସବୁ ସମୟରେ ସକଳ କାର୍ଯ୍ୟରେ ସାହାଯ୍ୟ କରିବ।

**୧୦.୭.୮୦**

ତୁମ ପତ୍ରରେ ପରିସ୍ଥିତି ଯାହା ଲେଖିଛ, ଶେଷରେ ଯାହା ଅନୁଭବ କଲ ଉଭୟ ଠିକ୍। ଚିନ୍ତା ନାହିଁ, ସବୁ କାର୍ଯ୍ୟ ପଶ୍ଚାତରେ ଅତିମାନସ ଶକ୍ତି କାର୍ଯ୍ୟ କରୁଅଛି - ସବୁ ଠିକ୍ ହେବ। କିନ୍ତୁ

ମନୁଷ୍ୟଙ୍କୁ ପ୍ରୟାସ କରିବା ଆବଶ୍ୟକ। ଚେଷ୍ଟାକଲେ ମା'ଙ୍କ ଶକ୍ତି ଶୀଘ୍ର ଶୀଘ୍ର କାର୍ଯ୍ୟ କରିପାରିବ।

ସ୍କୁଲ ବିଷୟରେ ବାରମ୍ବାର ଲେଖା ହେବା ଉଚିତ। ଛୋଟ ଛୋଟ ବହିରେ ପ୍ରଶ୍ନୋତ୍ତର ରୂପେ ଲେଖାହେଲେ ଶିକ୍ଷକ-ଶିକ୍ଷୟିତ୍ରୀ ପଢ଼ିବେ ଏବଂ ଆଚରଣ କରିବେ।

ବର୍ତ୍ତମାନ ଗୋଟିଏ କାର୍ଯ୍ୟ ସ୍କୁଲରେ କରାଇବାକୁ ହେବ ଏବଂ ପରିବାରରେ ମଧ୍ୟ। ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଘଣ୍ଟାଏ ହେଉ ବା ଅଧ ଘଣ୍ଟାଏ ହେଉ ସ୍କୁଲ ବଗିଚାରେ କାର୍ଯ୍ୟ କରିବେ। ଫୁଲ, ଫଳ, ଶାଗ, ପରିବା ଲଗେଇବେ, ପାଣିଦେବେ। ଛାତ୍ରଛାତ୍ରୀ ବଡ଼ ବଡ଼ ହୋଇଗଲେ ସିଲେଇ କରିବା, ବୁଣିବା ଓ ଅନ୍ୟାନ୍ୟ କାର୍ଯ୍ୟ କରିବେ। ଏହା ମୂଳରେ ରହିବ ମନ-ପ୍ରାଣ-ଶରୀର ସହିତ ଆତ୍ମାର ବିକାଶ ସକାଶେ ସମର୍ପଣ ଭାବରେ କର୍ମ। ଏହା ପ୍ରଚଳିତ ହେଲେ ଗୃହରେ ପିତାମାତା ଶାଶୁ-ବୋହୂ, ଝିଅ-ପୁଅ ସମସ୍ତେ ନିଜ ନିଜ ବାଡ଼ି ବଗିଚାରେ ଘଣ୍ଟାଏ ଫଳ, ଶାଗ, ପରିବାପତ୍ର ଲଗେଇବା କାର୍ଯ୍ୟ କରିବେ। ଏପରି କଲେ ସମସ୍ତେ ଆଗ୍ରହରେ କରିବେ। ପିଲାମାନେ ନିଜ ଲୁଗା ଧୋଇବେ, ବିଛଣା କରିବେ। ଖାଇବା ବାସନ ମଧ୍ୟ ଧୋଇବେ।

ଏପରି କଲେ ଶାରୀରିକ, ମାନସିକ, ପ୍ରାଣିକ କର୍ମ କରିବା ଶକ୍ତି ବିକାଶ ହେବ। ଆଳସ୍ୟ ଦୂର ହେବ,ଶରୀର ସୁସ୍ଥ ସବଳ ହେବ, ଶରୀରରେ ଚୈତନ୍ୟତା ଆସିବ। ସେଥିରେ ଅତିମାନସ ଶକ୍ତି କ୍ରିୟା କରିବାକୁ ରାସ୍ତା ପାଇବ। କାମର ବହୁ ପ୍ରଣାଳୀ ପ୍ରକାଶ ହେବ। ସେ କୃଷି ତଥା ଅନ୍ୟାନ୍ୟ କର୍ମ ଉତ୍ତମ ରୂପେ କରିପାରିବ। କର୍ମର ବହୁବିଧ ପ୍ରେରଣା ମଧ୍ୟ ପାଇବ। ଏଥିରେ ବେକାର ସମସ୍ୟା ସମାଧାନ ହେବା ସଙ୍ଗେ ସଙ୍ଗେ ଦୁର୍ନୀତି ମଧ୍ୟ ଦୂର ହେବ ଏବଂ ଅତିମାନସ ଶକ୍ତିର ଅଧିକାଧିକ ପ୍ରକାଶ ହେବ। ସେ ଯେଉଁ କର୍ମ କରିବ ସେଥିରେ ଅନ୍ୟ ଅପେକ୍ଷା ଉତ୍ତମରୂପେ ଦକ୍ଷତା ସହିତ କରିପାରିବ। ଏହି ପ୍ରଣାଳୀରେ ସମାଜ, ଦେଶ ଓ ଜଗତର ଉନ୍ନତି ହେବ।

ପୂର୍ଣ୍ଣାଙ୍ଗ ଶିକ୍ଷା ସେଠାରେ ପ୍ରତିଷ୍ଠା ହେବା ଅର୍ଥ ସେ ଅଞ୍ଚଳରେ ଗୋଟିଏ ନୂଆ ମାର୍ଗ ଖୋଲିବ। ବର୍ତ୍ତମାନ ତ୍ରୁଟି ଆସ୍ତେ ଆସ୍ତେ ସଂଶୋଧନ ହେବ। ବ୍ୟକ୍ତିଙ୍କୁ ପ୍ରଯତ୍ନ କରିବାକୁ ହେବ।

**୧୦.୯.୮୦**

●

# ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବସମାଜର ଭୂମିକା

"... she (India) is destined once more to new-mould the life of the world and restore the peace of the human spirit."
– **Sri Aurobindo** (CWSA, Vol 6&7, p.906)

ଯେଉଁ ବରେଣ୍ୟ ମହାପୁରୁଷ ଆଧୁନିକ ଯୁଗରେ ଭାରତର ଅଭ୍ୟୁତ୍ଥାନ, ଅଗ୍ରଗତି ଓ ଉନ୍ନତି ସମ୍ବନ୍ଧେ ଅତି ସ୍ପଷ୍ଟ ଘୋଷଣା କରିଛନ୍ତି ଏବଂ ସେଥିନିମିତ୍ତ କାର୍ଯ୍ୟ କରି ନିଜର ଦେଶପ୍ରୀତି, ଜାତିପ୍ରୀତି ଓ ସ୍ୱଦେଶବତ୍ସଳତାର ପରାକାଷ୍ଠା ଦେଖାଇଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦ ଅନ୍ୟତମ। ଶ୍ରୀଅରବିନ୍ଦ ସ୍ୱୟଂ ରାଜନୀତି କ୍ଷେତ୍ରରେ ଥାଇ ଦେଶ-ମାତୃକାର ମୁକ୍ତି ନିମିତ୍ତ ଯେଉଁ ସଂଗ୍ରାମ କରିଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଭାରତ-ଇତିହାସରେ ଚିରକାଳ ନିମିତ୍ତ ଲିପିବଦ୍ଧ ହୋଇ ରହିବ। ତତ୍‌କାଳୀନ 'ବନ୍ଦେ ମାତରମ୍' ପତ୍ରିକାରେ ଛତ୍ରେ ଛତ୍ରେ ସେ ଜାତୀୟତାର ଯେଉଁ ଅଗ୍ନିମୟୀ ମନ୍ତ୍ର-ଶକ୍ତି ସଞ୍ଚାର କରିଥିଲେ ଏବଂ ଆମ ଜାତୀୟତାର ଲକ୍ଷ୍ୟ, ସାଧନା ଓ ସିଦ୍ଧି ସମ୍ବନ୍ଧେ ଯେଉଁ ଅମୋଘ ଓ ଶାଶ୍ୱତ ଘୋଷଣାମାନ କରିଥିଲେ, ତାହା ଗୀତାର ବାକ୍ୟତୁଲ୍ୟ ଚିରଦିନ ଭାରତବାସୀଙ୍କୁ ଉଦ୍‌ବୁଦ୍ଧ ଓ ଅଭିଭୂତ କରିବ। ରବୀନ୍ଦ୍ରନାଥଙ୍କ ଭାଷାରେ ଶ୍ରୀଅରବିନ୍ଦହିଁ ଥିଲେ ଭାରତ-ଅନ୍ତରାତ୍ମାର ବାଣୀମୂର୍ତ୍ତି :

"ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର
ହେ ବନ୍ଧୁ, ହେ ଦେଶବନ୍ଧୁ,
ସ୍ୱଦେଶ-ଆତ୍ମାର
ବାଣୀମୂର୍ତ୍ତି ତୁମେ !...

***

ବନ୍ଧନ, ପୀଡ଼ନ, ଦୁଃଖ, ଅସମ୍ମାନ ମଧ୍ୟେ
ଦେଖିଣ ତୁମର ମୂର୍ତ୍ତି କାନେ
ମୋର ବାଜେ
ଆତ୍ମାର ବନ୍ଧନହୀନ ଆନନ୍ଦର ଗାନ
ମହାତୀର୍ଥ-ଯାତ୍ରୀର ସଙ୍ଗୀତ, ଚିରପ୍ରାଣ
ଆଶାର ଉଲ୍ଲାସ, ଗମ୍ଭୀର ନିର୍ଭୟ ବାଣୀ
ଉଦାର ମୃତ୍ୟୁର। ଭାରତର ବୀଣାପାଣି
ହେ କବି, ନୟନ ରଖି ମୁଖରେ ତୁମ୍ଭର
ତାରେ ତାରେ ଦେଇଛନ୍ତି ବିପୁଳ ଝଙ୍କାର
ନାହିଁ ସେଥି ଦୁଃଖତାନ, ନାହିଁ କ୍ଷୁଦ୍ର ଲାଜ,
ନାହିଁ ଦୈନ୍ୟ, ନାହିଁ ତ୍ରାସ ! ତେଣୁ ଶୁଣେ
ଆଜି କେତେ ଦୂରୁଁ ଝଞ୍ଜା ସଙ୍ଗେ
ସିନ୍ଧୁର ଗର୍ଜନ
ଅନ୍ଧବେଗେ ନିର୍ଝରର ଉନ୍ମତ୍ତ ନର୍ତ୍ତନ
ପାଷାଣ ପିଞ୍ଜର ଭାଙ୍ଗି। ବଜ୍ର-ଗର୍ବ-ରବ
ଭେରିମନ୍ଦ୍ରେ ମେଘପୁଞ୍ଜ ନିର୍ଘୋଷେ ଭୈରବ
ଏ ଉଦାତ୍ତ ସଙ୍ଗୀତର ତରଙ୍ଗ ମଧ୍ୟରେ।
ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର॥"

●

*ଏବେବି ମନେପଡ଼େ.....*

# ଜୁଲାଇ ଯାତ୍ରା

**(ପୂର୍ବପ୍ରକାଶିତ ଉତ୍ତାରୁ)**

ଗତ ସଂଖ୍ୟାରେ ଆମେ ବର୍ଣ୍ଣନା କରିଥିଲୁ ଯାଜପୁର ଜିଲ୍ଲା ପର୍ଯ୍ୟନ୍ତ। ଏହା ପରେ ଆମେ କଟକ ଫେରିଲୁ। ଏହିଠାରୁ ପ୍ରତ୍ୟେକ ଦିନ କଟକରୁ ଯିବାଆସିବା କରି ଆମେ କେନ୍ଦ୍ରପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଜିଲ୍ଲାର କାମ ଶେଷକଲୁ। ତା'ପରଦିନ ନୟାଗଡ଼। ନୟାଗଡ଼ ଜିଲ୍ଲାର ରାଜସୁନାଖଳା ସ୍କୁଲରେ ତାଙ୍କର ନବନିର୍ମିତ ଅଡ଼ିଟୋରିଅମରେ ସମ୍ମିଳନୀ କରାଗଲା। ସୁନ୍ଦର ହଲଟିଏ। ଆମେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା କାରଣରୁ ତା' ପୂର୍ବଦିନ ସନ୍ଧ୍ୟାବେଳେ ନୟାଗଡ଼ ରାଜସୁନାଖଳା ଚାଲିଯାଇଥିଲୁ। ପରଦିନ ସରିବା ପରେ ପରେ ଆମେ ସିଧା ଫୁଲବାଣୀ ସର୍କିଟ ହାଉସ୍‌ରେ ସନ୍ଧ୍ୟାବେଳେ ପହଞ୍ଚିଗଲୁ। ଆମେ କେତେଗୁଡ଼ିଏ ଜିଲ୍ଲାରେ ସର୍କିଟ ହାଉସ୍‌ର ସୁବିଧା ପାଉ। ସୁନ୍ଦର ବ୍ୟବସ୍ଥା। ମା'ଙ୍କ କୃପାରୁ ତାଙ୍କର ଏକ ନମ୍ବର (VIP) ରୁମଟି ଆମକୁ ରହିବାକୁ ମିଳିଲା। ଫୁଲବାଣୀରେ କିଛି ବିଶୃଙ୍ଖଳା ଥିଲା। ମାତ୍ର ୧୮ତାରିଖ ଜୁଲାଇ ଦିନ ସଭାରେ ତା'ର କିଛି ବି ସୂଚନା ମିଳିନଥିଲା। ବରଂ ସବୁଥରଠାରୁ ଅଧିକ ଶୃଙ୍ଖଳିତ ଭାବରେ ଏହି କାର୍ଯ୍ୟଟି ସମାପନ ହୋଇଥିଲା। ଫୁଲବାଣୀ ଜିଲ୍ଲା ସାରି ଆମେ ଚାଲିଲୁ ବୌଦ ଜିଲ୍ଲା। ଏଠାରେ ମଧ୍ୟ ସର୍କିଟ ହାଉସ୍‌ର ବ୍ୟବସ୍ଥା। ମା'ଙ୍କର କୃପା ବର୍ଷି ଚାଲିଥାଏ। ଆମେ ସରକାରୀ ଲୋକନୁହେଁ ମାତ୍ର । ଗୋଟିଏ ସର୍କିଟ ହାଉସ ରହିବାକୁ ମିଳୁଛି। ତାଙ୍କ କାର୍ଯ୍ୟ କରିଚାଲିଲେ, ସେ ହିଁ ସବୁ କିଛିର ଦାୟିତ୍ୱ ନେଉଛନ୍ତି। ତା'ପରେ ସୋନପୁର। ସେଠାରେ ବି ସେଇ ସୁବିଧା। ସୋନପୁର ପରେ ବଲାଙ୍ଗୀର ଜିଲ୍ଲା। ଏଠାରେ ଅନେକ ଦିନରୁ ବଲାଙ୍ଗୀର ସାଙ୍ଗଠନିକ କେନ୍ଦ୍ର ଶ୍ରୀଅରବିନ୍ଦ ଯୋଗମନ୍ଦିରେ ଭୀଷଣ ବିଶୃଙ୍ଖଳା। ଅନେକ ଦିନରୁ ଚେଷ୍ଟା କଲେ ମଧ୍ୟ ସମାଧାନ ହେଉନାହିଁ। ସେ ଜିଲ୍ଲାରେ ଗୋଟିଏ ପବିତ୍ର ଦେହାଂଶ କେନ୍ଦ୍ର ଥାଇ ମଧ୍ୟ ଆମେ ବାଧ ହୋଇ ପାଟଣାଗଡ଼ରେ ସଭା କରୁ। ଅବଶ୍ୟ ପାଟଣାଗଡ଼ରେ ସବୁ ବ୍ୟବସ୍ଥା ପକ୍କା। ତେଣୁ ଆମ ପାଇଁ ଅସୁବିଧା କିଛି ନାହିଁ। ସେଠାରେ ମଧ୍ୟ ଅନେକ ଲୋକ ପହଞ୍ଚି ପାରୁଛନ୍ତି। ପାଟଣାଗଡ଼ ସ୍କୁଲ ତରଫରୁ ସଭା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ କରାଗଲା। ଗତ କେତେ ବର୍ଷଧରି ଆମେ ଏହିଠାରେ କରୁଅଛୁ। ତା'ପରେ ନୂଆପଡ଼ା। ନୂଆପଡ଼ା ଜିଲ୍ଲାର କୋମନାଠାରେ ଏହି ବର୍ଷ ରାଜ୍ୟସ୍ତରୀୟ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ତେଣୁ ସମସ୍ତେ ଅତ୍ୟନ୍ତ ସକ୍ରୀୟ ଅଛନ୍ତି। କୋମନାରେ ବହୁଦିନରୁ ଜୁଲାଇ ୨୨ତାରିଖ ସଭା ଅନୁଷ୍ଠିତ

ହୋଇଆସୁଅଛି । ଖୁବ୍ ସୁନ୍ଦର ସଭା । ଜିଲ୍ଲା ଛୋଟ ଏବଂ ସବୁ ଜିଲ୍ଲାଠାରୁ ଏଠାରେ କର୍ମୀ ମଧ୍ୟ ଅନେକ କମ୍ । ମାତ୍ର ତଥାପି ମଧ୍ୟ ସଭା ଆୟୋଜନ ଏବଂ ପରିଚାଳନା ସବୁ ଅତ୍ୟନ୍ତ ଚମତ୍କାର । କୋମ୍ନାଠାରୁ ସିଧା ଭବାନୀପାଟଣା କେନ୍ଦୁଲିଫ୍ ଗେଷ୍ଟ ହାଉସରେ ରହଣୀ । ରାତ୍ରୀରେ ଗୋଟିଏ ସ୍ୱତନ୍ତ୍ର ପାଠଚକ୍ରରେ ଯୋଗଦେଇ ଆମେ ବିଶ୍ରାମ ନେଲୁ । ପରଦିନ ଭବାନିପାଟଣାଠାରେ ସଭା ପରିଚାଳନା ଖୁବ୍ ଶୃଙ୍ଖଳିତ । ସବୁ କାମ ସାରି ବାହାରିଲା ବେଳକୁ ରୁମ ଚାବି ହଜିବା ଏବଂ ନିଜ ବ୍ୟାଗ୍‌ରେ ଥାଇ ମଧ୍ୟ ନମିଳିବା ଏକ ହାସ୍ୟରୋଳର ଖୋରାକ ଯୋଗାଇଲା । ସେଠାରୁ ସିଧା ନବରଙ୍ଗପୁର । ଆଗେ ଆମେ ବି.ମାଳିଗୁଡ଼ାରେ ରହୁଥିଲୁ । ମାତ୍ର ରାସ୍ତାଟିକେ ଭଲ ନଥିବାରୁ ଆମେ ଗତ ଦୁଇବର୍ଷ ହେଲା ନବରଙ୍ଗପୁରର ଏକ ଆଇବିରେ ରହୁଚୁ । ସକାଳୁ ଯାଇ ମାଳିଗୁଡ଼ା ସମାଧି ଦର୍ଶନ ଏବଂ ସେଠାରେ ଜଳଖିଆ ଖାଇ ନବରଙ୍ଗପୁରକୁ ଫେରିଲୁ । ସଭାରେ ବେଶ୍ ହଲ ଭର୍ତ୍ତି ହୋଇଗଲା । ଆହୁରି କେତେଜଣ ମଧ୍ୟ ବାହାରେ ବସି ଶୁଣୁଥିଲେ । ଏକ ଅତ୍ୟନ୍ତ ଅନ୍ତରଙ୍ଗ ଗୋଷ୍ଠୀ ନବରଙ୍ଗପୁରଠାରେ ଦାୟିତ୍ୱ ନେଇଛନ୍ତି । କେତେଜଣତ ସମ୍ପୂର୍ଣ୍ଣ ନୀରବ ସାଧକ ।

ନବରଙ୍ଗପୁରଠାରୁ ଆମକୁ ସିଧା ବାଳିମେଳା (ମାଲକାନାଗିରି) ଯିବାକୁ ହେବ । କଟକଠାରୁ ସବୁଠାରୁ ଦୂରତ୍ୱରେ ଥିବା ଜିଲ୍ଲା ହେଲା ମାଲକାନଗିରି । ଏହିଠାରୁ ଫେରିଲେ ଆମକୁ ପ୍ରକୃତରେ ଘରବାହୁଡ଼ା ଭଳି ଅନୁଭବ ହୁଏ । ଏହା ମଧ୍ୟରେ କିଛି କର୍ମୀ କୌଣସି କାରଣରୁ ଅନୁପସ୍ଥିତ ଥିଲେ । ତଥାପି କର୍ମୀ ଊଣା ନାହାନ୍ତି । ମୋଟୁ, ମାଥିଲି, ପଡ଼ିଆ, ପ୍ରଭୃତି । ମାଲ୍‌କାନଗିରିରେ ବ୍ୟକ୍ତିମାନେ ବହୁତ ଆଗରୁ ଆସି ସଭାରେ ଯୋଗ ଦିଅନ୍ତି ।

ବାଲିମେଳାଠାରୁ ଅନେକ ଦୂର, କିନ୍ତୁ ସେମାନେ ଅତ୍ୟନ୍ତ ନିଷ୍ଠାପର ଭାବରେ ଯୋଗ ଦିଅନ୍ତି । ଅଂଶଗ୍ରହଣ ମଧ୍ୟ କରନ୍ତି । ମାଲ୍‌କାନଗିରିଠାରୁ ଫେରିବୁ କୋରାପୁଟ । ପ୍ରାୟ ୧୫୦ କି.ମି. ରାସ୍ତା । ବାଟରେ ଛୋଟ ଛୋଟ ଘାଟି ଦୁଇ/ତିନିଟି ପଡ଼େ । ରାତି ରହଣୀ ସୁରଭାଇଙ୍କ ଘରେ । ସୁରଭାଇଙ୍କର ମା'ଙ୍କ ରୁମଟି ପୁରା ସ୍ୱର୍ଗ ଅନୁଭବ ଦିଏ । କୋରାପୁଟଠାରୁ ସଭାସାରି ଆମେ ରାୟଗଡ଼ା ଚାଲିଲୁ । ରାୟଗଡ଼ାର ବାରିଝୋଲାଠାରେ ରହଣୀ ଏବଂ ସଭା । ଏଠାରେ ମଧ୍ୟ କର୍ମୀ ସଂଖ୍ୟା କମ୍ । ମାତ୍ର ଧୀରେ ଧୀରେ ତାଙ୍କ ସଂଖ୍ୟା ବଢ଼ିବାରେ ଲାଗୁଛି । ରାୟଗଡ଼ା କାମ ସାରି ସିଧା ଗଜପତି । ଗଜପତି ମାନେ ପାରଳାଖେମୁଣ୍ଡି । ସେହିଠାରେ ମଧ୍ୟ ସ୍କୁଲରେ ରହଣୀ ଏବଂ ସଭା । ପାରଳାଖେମୁଣ୍ଡିର ସବୁ ବର୍ଷ ଭଳି ଗୋଟିଏ କର୍ମୀ ଗୋଷ୍ଠୀ କିଛି ଜଳଖିଆ ଧରି ଅପେକ୍ଷା କରିଥିବେ । ଆମ୍ଭେମାନେ ପହଞ୍ଚି ପ୍ରଥମେ ଜଳଖିଆ ଖାଉ ତା'ପରେ ରୁମକୁ ଯାଉ । ତାଙ୍କର ସର୍ବୋତ୍ତମ ସାମର୍ଥ୍ୟ

ପ୍ରୟୋଗ କରି ସେମାନେ ଆମ୍ଭମାନଙ୍କର ଚର୍ଚ୍ଚା କରନ୍ତି। ପାରଳାଖେମୁଣ୍ଡିଠାରେ ସବୁଜିଲ୍ଲାଠାରୁ କମ୍ କର୍ମୀ ଉପସ୍ଥିତ। ମାତ୍ର ଆଲୋଚନାରେ ସକ୍ରୀୟ। ଦୁଇଟି ସ୍ଥାନରେ ଅଧିକ ସକ୍ରୀୟ ସଙ୍ଗଠନ, ମାତୃପୀଠ ଏବଂ ପୂର୍ଣ୍ଣପୀଠ। ପାରଳାଖେମୁଣ୍ଡିଠାରୁ ବାହାରି ଆମେ ସନ୍ଧ୍ୟା ପୂର୍ବରୁ ବ୍ରହ୍ମପୁରଠାରେ ପହଞ୍ଚିଲୁ। ଆମ ଯାତ୍ରାର ୨୯ତମ ଜିଲ୍ଲା, ପ୍ରବଳ ଆୟୋଜନ। ଚଳିତ ବର୍ଷ ସ୍କୁଲ ଘର କାମ ପାଇଁ ଭଙ୍ଗାଭଙ୍ଗି ହୋଇଥିବାରୁ ସେଠାରେ ସଭା ଆୟୋଜନ କରିବା ସମ୍ଭବ ନୁହେଁ। ତେଣୁ ବାଙ୍କୁଲି ବାଇପାସଠରେ ଆଶ୍ରମରେ ସଭା ଆୟୋଜନ। ବିରାଟ ଏକ ମଞ୍ଚ ପ୍ରସ୍ତୁତ କରାଯାଇଅଛି। ସେଠାରେ ଯେତିକି ସ୍ଥାନ ସବୁ ପୂର୍ଣ୍ଣ ହୋଇଯାଇଥିଲା। ସେଠାରୁ ଆମେ ବାହାରି ପ୍ରାୟ ରାତ୍ର ୮ଟା ବେଳେ କଟକରେ ପହଞ୍ଚିଲୁ। ବର୍ଷା ଅନବରତ ଚାଲୁଥାଏ। ଟେଣ୍ଟହାଉସ ମାଲିକ କିଛି କରିପାରୁନଥାନ୍ତି। ରାତ୍ରୀ ଅଧାକୁ ବର୍ଷା କିଛି କମିଗଲା। ଟେଣ୍ଟହାଉସ୍, ଲାଇଟ ମାଇକ ପ୍ରଭୃତି ରାତିଯାକ ଲାଗିକରି ସକାଳକୁ ସ୍ଥାନକୁ ପ୍ରସ୍ତୁତ କରିଦେଲେ।

୩୦ ତମ ଜିଲ୍ଲା କଟକ। ଜୁଲାଇ ଯାତ୍ରାର ଶେଷ ଦିନ। ସହସ୍ରାଧିକ କର୍ମୀମାନେ ଆସିଥାନ୍ତି। ସକାଳୁ ପ୍ରାୟ ୮ଟା ପର୍ଯ୍ୟନ୍ତ ବର୍ଷା ହୋଇ ମଧ୍ୟ ଠିକ୍ ସଭା ଆରମ୍ଭ ବେଳକୁ ବର୍ଷା ପୁରା ଛାଡ଼ିଗଲା। ସମସ୍ତ ଯାତ୍ରାକୁ ସମସ୍ତେ ମା'ଙ୍କ ନିକଟରେ ସମର୍ପଣ କଲେ। ଏକ ସମ୍ପୂର୍ଣ୍ଣ ସମର୍ପଣର ବାତାବରଣରେ କାର୍ଯ୍ୟ ଶେଷ ହେଲା। ପ୍ରାୟ ୭୦ଟି କାର୍, ବୋଲେରୋ, ସ୍କୁଲ ବସ ପ୍ରଭୃତି ମାତୃଭବନରେ ଭର୍ତ୍ତି ହୋଇଥାଆନ୍ତି। ପରିବେଶ ଅବର୍ଣ୍ଣନୀୟ, ସେହିଠାରୁ ଆମେ ଜୁଲାଇ ପହିଲାଦିନ ଯାତ୍ରାର ଅୟମାରମ୍ଭ କରିଥିଲୁ ଏବଂ ୩୦ ତାରିଖ ଦିନ ତା'ର ଉଦ୍‌ଯାପନ। ସତରେ ମାତୃ ଚରଣରେ ନିବେଦନ କରିବାର ପ୍ରତ୍ୟୟ ହେଉଥାଏ। ସମସ୍ତଙ୍କ ମୁଖମଣ୍ଡଳରେ କେବଳ ଆନନ୍ଦହିଁ ଆନନ୍ଦ। ସାରା ସଂସାରରେ ବିରୋଧି ଶକ୍ତିର ଅବିରତ କ୍ରିୟା ଚାଲିଛି ଏବଂ ମା' ତାହାକୁ ଦୃଢ଼ ହସ୍ତରେ ସମ୍ମୁଖୀନ ହେଉଛନ୍ତି। ସାରା ଓଡ଼ିଶାର ମାତୃକର୍ମୀମାନେ ସେହି କାର୍ଯ୍ୟରେ ଅଂଶଗ୍ରହଣ କରିବାଭଳି ମନେହେଉଥାଏ। ଯେତେ କ୍ଷୁଦ୍ର ହେଉ ପଛେ ମା'ଙ୍କ କାର୍ଯ୍ୟରେ ସିଧା ସିଧା ସମ୍ପୃକ୍ତ ହେବାର ଅନୁଭବ ହେଉଥାଏ। ଅତି ଗଭୀର ତଥା ନିବିଡ଼ ଭାବରେ ମା'ଙ୍କୁ କୃତଜ୍ଞତା ଜଣାଇ ସମସ୍ତେ ନିଜ ନିଜ ଅନୁଷ୍ଠାନକୁ ବିଦାୟ ନେଲେ। ଏହି ଯାତ୍ରାର ଏକ ପରିସଂଖ୍ୟାନଗତ ତଥ୍ୟ ନିମ୍ନରେ ଉପସ୍ଥାପନ କରାଗଲା।

ଏହି ତିରିଶ ଦିନ ଯାତ୍ରାରେ ସମୁଦାୟ ରାସ୍ତା ଅତିକ୍ରମ କରିଥିଲୁ ୩୨୪୭ କି.ମି ତିରିଶ ଜିଲ୍ଲାରେ ସମୁଦାୟ ଯୋଗ ଦେଇଥିବା କର୍ମୀସଂଖ୍ୟା - ୮୦୨୬
ସମୁଦାୟ ସ୍କୁଲ ଯୋଗ ଦେଇଥିଲେ-୫୫୬ ରୁ ୫୩୩
ସଭାରେ ସାଙ୍ଗଠନିକ ବିବରଣୀ ପ୍ରଦାନ କରିଥିଲେ ସମୁଦାୟ
ଗ୍ରାମପଞ୍ଚାୟତ ସଙ୍ଗଠକ- ୧୪୨ଜଣ
ବ୍ଲକ୍ ସଙ୍ଗଠକ - ୧୧୧ଜଣ
ଦଶକର୍ମଧାରା ସଙ୍ଗଠକ - ୧୦୪ ଜଣ

ସମୁଦାୟ ବାଣୀ ବଣ୍ଟନ
କରାଯାଇଛି - ୭୯୭୩
ସମୁଦାୟ ଗ୍ରାହକ ସଂଗ୍ରହ ନବପ୍ରକାଶ -
ଆଜୀବନ- ୧୩
ବାର୍ଷିକ- ୬୬୧
ନବଜ୍ୟୋତି- ଆଜୀବନ- ୧୦
ବାର୍ଷିକ -୪୧୭
ମାତୃଭବନ ପତ୍ର - ଆଜୀବନ -୧୫
ବାର୍ଷିକ - ୬୩୬
ଶ୍ରୀଅରବିନ୍ଦ ଆଶ୍ରମ
ଷ୍ଟୋରର ବିକ୍ରୟ - ୮,୯୯,୫୬୯
ରାତ୍ରୀ ଆଶ୍ରୟସ୍ଥଳ-
ବିଭିନ୍ନ ସ୍କୁଲମାନଙ୍କରେ - ୧୬ ସ୍ଥାନରେ
ସରକାରୀ ଅତିଥିଶାଳା - ୮ସ୍ଥାନରେ
ମାତୃଭବନ - ୬ଥର
ବିଭିନ୍ନ ଜିଲ୍ଲାରୁ ମିଳିଥିବା ତଥ୍ୟ ଅନୁଯାୟୀ

**ଆଜିର ଓଡ଼ିଶା**

୧. ଶ୍ରୀଅରବିନ୍ଦ ପାଠଚକ୍ର -୨୧,୪୮୧
୨. ଶ୍ରୀଅରବିନ୍ଦ ମହିଳା
ପାଠଚକ୍ର- ୨୬୪୫
୩. ଛାତ୍ର ସମାଜ - ୧,୪୫୮
୪. ସମୁଦାୟ - ୨୫,୫୮୪
୫. ସମୁଦାୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର- ୫୫୬
୬. କମ୍ପ୍ୟୁଟର ଶିକ୍ଷାର ସୁବିଧା- ୨୩୦
୭. ଛାତ୍ରାବାସ ସୁବିଧା- ୧୫୯
୮. କୃଷିର ସୁବିଧା - ୧୧୯
୯. ଉତ୍ପାଦନ କେନ୍ଦ୍ର - ୫୩
୧୦. ଗୋଶାଳା- ୪୦
୧୧. ବିକ୍ରୟକେନ୍ଦ୍ର- ୨୮୬
୧୨. ସର୍ବନିମ୍ନ ୧ଏକର
ଥିବା ଅନୁଷ୍ଠାନ - ୨୩୯

କାର୍ଯ୍ୟକ୍ରମ ସବୁ ଜିଲ୍ଲାରେ ନିମ୍ନ ପ୍ରକାରରେ ହେଉଥିଲା ।

୧. ସଭା ଆରମ୍ଭ ହେଉଥିଲା
ସକାଳ ଠିକ୍ - ୦୯.୩୦
୨. ଦୁର୍ଗାସ୍ତୋତ୍ର, ସାବିତ୍ରୀ ଆବୃତ୍ତି
ମା' ବହି, ଧ୍ୟାନ ଓ ପ୍ରାର୍ଥନା
୩. ସ୍ୱାଗତ
୪. ୫ଜଣ (ପ୍ରାୟ) ଗ୍ରାମପଞ୍ଚାୟତ ସଙ୍ଗଠକଙ୍କ ବିବରଣୀ
୫. ୩ଜଣ ବ୍ଲକ୍ ସଙ୍ଗଠକଙ୍କ ବିବରଣୀ
୬. ୩ ଜଣ ଦଶକର୍ମଧାରା ସଙ୍ଗଠକଙ୍କ ବିବରଣୀ
୭. ଜିଲ୍ଲା ସଙ୍ଗଠକଙ୍କ ବିବରଣୀ
୮. ଜୋନ ସଙ୍ଗଠକଙ୍କ ବିବରଣୀ
୯. ଶ୍ରୀ କପିଳାସ ପ୍ରସାଦ ଦାଶଙ୍କ ଆଲୋଚନା
ବିଷୟ: "ଭାରତର ମହାନତା"
୧୦. ଶ୍ରୀ ପ୍ରସାଦ ତ୍ରିପାଠୀଙ୍କର ସାଙ୍ଗଠନିକ ଆଲୋଚନା
୧୧. କୃତଜ୍ଞତା ଜ୍ଞାପନ
୧୨. ମାତୃସଙ୍ଗୀତ
୧୩. ଧ୍ୟାନ
୧୪. ବାଣୀ ବଣ୍ଟନ
୧୫. ପ୍ରସାଦ ସେବନ
ସଭାଶେଷ ହେବା ସମୟ
ଅପରାହ୍ନ ୦୧.୦୦ ରୁ୦୨.୦୦

ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସମସ୍ତ ଭାଇଭଉଣୀମାନଙ୍କୁ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତଥା ମାତୃଭବନ ତରଫରୁ ବିନମ୍ର କୃତଜ୍ଞତା। ସମସ୍ତ କାର୍ଯ୍ୟକ୍ରମ ଦିବ୍ୟଜନନୀଙ୍କର ଚରଣ କମଳରେ କୃତଜ୍ଞତାର ସହିତ ନିବେଦନ କରୁଅଛୁ।

***ପ୍ରସାଦ ତ୍ରିପାଠୀ***

●

# ଅଳସ ଭାଙ୍ଗିବା ବେଳ ଆଉ ନାହିଁ

କିରେ କ'ଣ କରୁଚୁ ? ଉତ୍ତର ଆସିଲା- "ନାହିଁ କିଛି ନାହିଁ ଟିକେ ଅଳସ ଭାଙ୍ଗୁଛି। ଅର୍ଥାତ୍ ନିଦ ଛାଡ଼ିଗଲାଣି- ଉଠିକରି ବସିଚି। ଯିବି ତ ଏମିତି ଟିକେ ବସିଛି। କାହିଁ କ'ଣ କହୁନା କଣ ଜରୁରୀ କାମ ଥିଲା। ତାହେଲେ ଉଠିକି ସାଙ୍ଗେ ସାଙ୍ଗେ ନିତ୍ୟକର୍ମ ସାରି ବାହାରି ପଡ଼ିବି।"

ବାସ୍, ଆମେ ଅଧିକାଂଶ ଏ ରୋଗର ଶୀକାର ହୋଇଯାଉଚୁ। ଯେତେ କହିଲେ ବି, ଅନୁରୋଧ କଲେବି, ଉଦାହରଣ ଦେଖାଇଲେ ବି ତଥାପି ଆମ ଭିତରୁ ଆଳସ୍ୟ ଛାଡୁନି। ହଁ କରିବା, କରିବା କହି ମଠେଇ ମଠେଇ ଚାଲିଚୁ। ଆରେ ବାବା କାମ କେମିତି ହେବ ? ଆମେ ଯଦି ନ କରିବା ଆଉ କିଏ କରିବ ? ଆମ ହାତକୁ, ଆମ କଥାକୁ, ଆମ କାମକୁ ସମସ୍ତେ ଚାହିଁଛନ୍ତି। ଆମ ପାଇଁ ଆମେ ଆଉ ପୁଲାଏଙ୍କୁ ଅଳସୁଆ କରିଦେଉଚୁ। ଏତେ ବିକଳରେ, ତନାଘନାରେ, ଆଲୋଚନା ରେ ଗତ ଜୁଲାଇ ମାସରେ ଆମକୁ କ'ଣ ସବୁ କରିବାକୁ ଦାୟିତ୍ୱ ଦିଆଯାଇଥିଲା ଏବଂ ସେ ସବୁ ନିଶ୍ଚୟ କରିବା ବୋଲି ମା'ଙ୍କ ଆଗରେ ସ୍ୱୀକାର କରିଥିଲୁ। ପ୍ରତିଶୃତି ଦେଇଥିଲୁ। ମାତ୍ର ଏହା ମଧ୍ୟରେ ପ୍ରାୟ ଦୁଇମାସ ହୋଇଗଲାଣି। ଆମେ ଯାହା ଯାହା ଆଲୋଚନା କରିଥିଲୁ ସେଥିପାଇଁ ପ୍ରତିଶୃତି ମଧ୍ୟ ଦେଇଥିଲୁ ତାକୁ ନିମ୍ନରେ ଗୋଟିଏ ଗୋଟିଏ କରି ଲିପିବଦ୍ଧ ମଧ୍ୟ କରୁଚି। ସମସ୍ତେ ହିସାବ କରିବେ, କ'ଣ ସରିଛି ଆଉ କ'ଣ ରହିଲା ତାକୁ କେବେ କରିବେ ?

**୧. ଅଧ୍ୟାପକ ପ୍ରପତ୍ତି ମହାଶୟଙ୍କ ଶତବାର୍ଷିକୀ ପାଳନ:** ଓଡ଼ିଶାର ସବୁ ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା କଥା। କେତେଗୁଡ଼ିଏ ଜିଲ୍ଲାର ସମ୍ବାଦ ଆସୁଚି, ଫଟୋ ମଧ୍ୟ ଆସୁଚି। କେତେଗୁଡ଼ିଏ ସ୍ଥାନରେ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ପାଳନ କରାଯାଉଚି। ଫଟୋ ମଧ୍ୟ ଆସୁଚି। ବାକି ସବୁ ଜିଲ୍ଲା ନିରବ। ଯଦି ପାଳନ କରୁଛନ୍ତି, ଆମକୁ ହ୍ୱାଟ୍ସଆପ ମାଧ୍ୟମରେ ଫଟୋ ଏବଂ ସମ୍ବାଦ ପଠାନ୍ତୁ। ଏ କାମକୁ ଆମେ ଆଲୋଚନା କରିଥିଲେ ଅନ୍ତତଃ ଅଗଷ୍ଟ ଶେଷ ସୁଦ୍ଧା ସାରିବାକୁ। ମାତ୍ର ସେପ୍ଟେମ୍ବର ସରିବାକୁ ବସିଲାଣି। ଦୟାକରି ସାଙ୍ଗେ ସାଙ୍ଗେ କରନ୍ତୁ, ଆଉ ବିଳମ୍ବ କରନ୍ତୁ ନାହିଁ।

**୨. ଜିଲ୍ଲା ସଙ୍ଗଠକମାନଙ୍କ ମଧ୍ୟରେ ବ୍ଲକ୍‌ର ସଙ୍ଗଠନ ଦାୟିତ୍ୱକୁ ବାଣ୍ଟିବା।** ଆପଣମାନଙ୍କ ଜିଲ୍ଲାରେ ହେଲାଣିକି ? ନିଜ ନିଜ ମଧ୍ୟରେ ବ୍ଲକ୍‌ର ସଙ୍ଗଠନର ଦାୟିତ୍ୱ ନେବାକୁ ସିଦ୍ଧାନ୍ତ କଲେଣି ? ଏହା ତ ସାତ ଦିନ ମଧ୍ୟରେ ହୋଇଯିବା କଥା। ଏପରିକି ଜୁଲାଇ ମାସର ଯେଉଁ ଦିନ ଆପଣଙ୍କ ଜିଲ୍ଲାରେ ସଭା ଥିଲା ସେହିଦିନ ସଭା ସରିବା ପରେ ନିଜ ନିଜ ମଧ୍ୟରେ ବ୍ଲକ୍ ବାଣ୍ଟିନେବା କଥା। ଏହା ଆପଣଙ୍କ ଜିଲ୍ଲାରେ ହୋଇ ସାରିଲାଣି ? ଯଦି ହେଲାଣି ତେବେ ସେମାନେ ବ୍ଲକ୍‌ର ସଙ୍ଗଠକମାନଙ୍କ ସାଙ୍ଗେ ପରାମର୍ଶ କଲେଣି ? ଏହାକୁ ସାରିବା ପାଇଁ ଆଉ ଦିନେ ବି ନେବେ ନାହିଁ। ଅନ୍ତତଃ ବ୍ଲକ

ବଣ୍ଟନ ପରସ୍ପର ମଧ୍ୟରେ ଆଲୋଚନା କରି ଦିନେ/ଦୁଇଦିନ ମଧ୍ୟରେ ଶେଷ କରିଦିଅନ୍ତୁ। ଆଉ ଯେଉଁ ଜିଲ୍ଲାରେ ଜଣେ ସଙ୍ଗଠକ ସେମାନେ ବ୍ଲକ ସଙ୍ଗଠକମାନଙ୍କ ସାଙ୍ଗରେ ଆଲୋଚନା କରି ପଞ୍ଚାୟତ ବାଣ୍ଟିବେ। ମାତ୍ର ଏ ସବୁ କାର୍ଯ୍ୟର ମୁଖ୍ୟ ଦାୟିତ୍ୱ ରହିବା ଜିଲ୍ଲା ସଙ୍ଗଠକଙ୍କର। ଏ ବଣ୍ଟାବଣ୍ଟି ସରିଲାଣି ?

**୩. ଦଶକର୍ମଧାରା କାର୍ଯ୍ୟକ୍ରମ କରିବା:** ଖାଲି ଜିଲ୍ଲାରେ ନୁହେଁ, ଏପରିକି ବ୍ଲକ୍‌ରେ ଏବଂ ପଞ୍ଚାୟତ ସ୍ତରରେ ମଧ୍ୟ ଦଶକର୍ମଧାରା କାର୍ଯ୍ୟକ୍ରମ ଚାଲୁରଖିବା। ବର୍ତ୍ତମାନ ନବପ୍ରକାଶରେ ଦଶକର୍ମଧାରା ବିଷୟରେ ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ବିଷୟ ଆଲୋଚନା ହେଉଛି। ସେଇ କର୍ମଧାରା ବିଷୟରେ ମଧ୍ୟ ତା'ପର ମାସରେ କାର୍ଯ୍ୟକ୍ରମ କରିପାରିବା। ଏହାସବୁ ହେଲାଣି ତ ?

**୪. ସବୁ ଜିଲ୍ଲାର ସଙ୍ଗଠକ ମାନେ ନିଜ ନିଜ ଜିଲ୍ଲାର CDMOଙ୍କୁ ସାକ୍ଷାତ** କରି ନିଜ ନିଜ ସ୍କୁଲର ଚିକିତ୍ସାଜନିତ ସହାୟତା ସମ୍ପର୍କରେ ଆଲୋଚନା କଲେଣି ? CDMOଙ୍କୁ ଖାଲି ସାକ୍ଷାତ କଲେ ହେବନାହିଁ। ତାଙ୍କ ଠାରୁ ପ୍ରତ୍ୟେକ PHC, CHCପ୍ରଭୃତିଙ୍କୁ ଚିଠି କରାଇ ନେଲେଣି ? Suman Volunteers ପାଇଁ ସ୍ୱେଚ୍ଛାସେବୀ ସ୍ଥିର କରି CDMOଙ୍କୁ ଟ୍ରେନିଙ୍ଗ ପାଇଁ ଜଣାଇଲେଣି ?

**୫. ପ୍ରତ୍ୟେକ ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ସ୍ୱାସ୍ଥ୍ୟକାର୍ଡ଼ ପ୍ରସ୍ତୁତି ହେଲାଣି ?** ଏଥିପାଇଁ ଯେଉଁସ୍କୁଲର ସ୍ୱାସ୍ଥ୍ୟ କାର୍ଡ଼ ନାହିଁ, ତୁରନ୍ତ ସଂଗ୍ରହ କରିବାକୁ ଅନୁରୋଧ। ଜିଲ୍ଲା ସଙ୍ଗଠକମାନେ ଉକ୍ତ ସ୍କୁଲର ସମ୍ପାଦକଙ୍କୁ ଅନୁରୋଧ କରି କାର୍ଡ଼ ସଂଗ୍ରହ କରିବେ ନ ମିଳିଲେ ନିଜ ଜିଲ୍ଲାର ସଙ୍ଗଠକଙ୍କ ସହିତ ଯୋଗାଯୋଗ କରି ସଂଗ୍ରହ କରିବେ। ଏହା ସେମାନେ କରିବେ ମାତ୍ର ଆମକୁ ତ ବୁଝିବାକୁ ପଡ଼ିବ ନା !

**୬. ଜିଲ୍ଲାରେ ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତ ସଙ୍ଗଠକ ସ୍ଥିର ହେଲେଣି ?** ଏହା ତ ବହୁତ ପୁରୁଣା କାର୍ଯ୍ୟ ଏହାକୁ ଆଦୌ ବିଳମ୍ବ କଲେ ଚଳିବ ନାହିଁ। କୌଣସିମତେ ସମସ୍ତ ପଞ୍ଚାୟତରେ ଜଣେ ଜଣେ ସଙ୍ଗଠକ ସ୍ଥିର କରିବା। କେମିତି କରିବେ ଚିନ୍ତା କରନ୍ତୁ। ଆଉ ଯେଉଁ ପଞ୍ଚାୟତର ସଙ୍ଗଠକମାନେ ସ୍ଥିର ହୋଇଗଲେଣି। ସେମାନଙ୍କର ବ୍ଲକ୍ ସ୍ତରରେ କିମ୍ବା ଜିଲ୍ଲା ସ୍ତରରେ ବୈଠକ ଡାକି କିପରି ପ୍ରତ୍ୟେକ ଗ୍ରାମରେ ପାଠଚକ୍ର ହେବ ଆଲୋଚନା କରିବେ।

ଏତେ କଥା କରିବାକୁ ହେବ। ଅବଶ୍ୟ ଅନେକ ଜିଲ୍ଲାରେ ଏ ସବୁ କାମ କିଛି କିଛି କରିଦେଲେଣି। ମାତ୍ର ଆହୁରି ଅନେକ ଜିଲ୍ଲାରେ ତଥାପି ବହୁତ ବାକି ଅଛି। ଆପଣ ମନେରଖନ୍ତୁ ଜିଲ୍ଲା ସଙ୍ଗଠକମାନଙ୍କର ହିଁ ଏ ସବୁ କାମ ମୁଖ୍ୟ ଦାୟିତ୍ୱ। ତେଣୁ ଆଉ ଅଳସ ଭାଙ୍ଗିବାକୁ ବେଳ ନାହିଁ। ଉଠନ୍ତୁ- କାମ କରନ୍ତୁ- ମା'ଙ୍କର କୃପା ଆପଣଙ୍କ ସାଙ୍ଗରେ ନିଶ୍ଚୟ ରହିଛି।

କେବେହେଲେ ଭୁଲିବା ନାହିଁ- **ବାବାଜି ମହାରାଜଙ୍କ ସଙ୍କଳ୍ପ "ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ମା'ଙ୍କୁ ଜାଣିବେ।"**

*ପ୍ରସାଦ ତ୍ରିପାଠୀ*

●

# ସଙ୍ଗଠନ ସମାଚାର

## ଆସ୍ପୃହା ମଣ୍ଡଳ

**ଗଜପତି:-** ୨୪.୮.୨୫ରେ ନାରାୟଣ ପୁର ପଞ୍ଚାୟତରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୀତାଞ୍ଜଳି ଦାସ, ଗୌରହରି ପଟ୍ଟନାୟକ, ଗିରିଶ ଚନ୍ଦ୍ର ଦାସ ଓ ଅରବିନ୍ଦ ଦାସ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି", "ଶ୍ରୀଅରବିନ୍ଦ ଓ ଶ୍ରୀମା କିଏ ଏବଂ କାହିଁକି ପୃଥିବୀକୁ ଆସିଥିଲେ", "ଦିବ୍ୟଜୀବନ କ'ଣ", "ବାବାଜୀ ମହାରାଜଙ୍କ ସାଧନା ଏବଂ ଆମର କାର୍ଯ୍ୟ", "କର୍ମ ମାଧ୍ୟମରେ ସାଧନା" ଓ "ପ୍ରାର୍ଥନା ମାଧ୍ୟମରେ ମାଆଙ୍କ କାର୍ଯ୍ୟ ଓ ଶ୍ରୀଅରବିନ୍ଦ ସାଧନା" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଲାଲୁସାହି, ସେବକପୁରର ଶ୍ରୀଅରବିନ୍ଦ ପାଠଚକ୍ରର କର୍ମୀ ଗଣ, କୃଷ୍ଣ ଚରଣ ରାଉତ ଏବଂ ରାମଚନ୍ଦ୍ର କାନ୍ତ ସଂଗଠିତ କରିଥିଲେ ।

**ଗଞ୍ଜାମ:** ୧୫.୮.୨୫ରେ ପୋଲସରାସ୍ଥିତ ଶ୍ରୀଅରବିନ୍ଦ ସେଣ୍ଟ୍ରାଲ ପାଠଚକ୍ରଠାରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ସୁଲତା ସାହୁଙ୍କ ପରିଚାଳନାରେ ପାଳିତ ହୋଇଯାଇଛି । ଏଥିରେ ସନ୍ତୋଷ କୁମାର ବେହେରା "ପୂର୍ଣ୍ଣ ଆନ୍ତରିକତା" ଏବଂ ସୁବାସ ଚନ୍ଦ୍ର ସାହୁ "ଅଗଷ୍ଟ ୧୫ରେ ପ୍ରଦତ୍ତ ଏକ ବାଣୀ" ପଠନ କରି ଆଲୋଚନା କରିଥିଲେ।... ୨୪.୮.୨୫ରେ ଶ୍ରୀଅରବିନ୍ଦ ଛାତ୍ର ସମାଜ, କଣ୍ଟାପଡାଠାରେ ଆଲୋକ ସେନା କାର୍ଯ୍ୟକ୍ରମ ସୁଶାନ୍ତ କୁମାର ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋବିନ୍ଦ ଚନ୍ଦ୍ର ଜେନା ଓ ଫକୀର ସାହୁ ସହଯୋଗ କରିଥିଲେ ।

## ଆସ୍ଥା ମଣ୍ଡଳ

**ବାଲେଶ୍ୱର:-** ୧.୮.୨୫ରେ ଜଳେଶ୍ୱରସ୍ଥିତ ନିର୍ମଳା ଗିରିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଜନ୍ମଦିନରେ ଭାରତ ସ୍ୱାଧୀନ ହେବା ପ୍ରସଙ୍ଗ" ସମ୍ପର୍କରେ ସଞ୍ଜୁକ୍ତା ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ ଓ ପ୍ରଦୀପ ଜେନା ଆଲୋଚନା କରିଥିଲେ ।... ୨.୮.୨୫ରେ ଜଳେଶ୍ୱରସ୍ଥିତ ଗଙ୍ଗାନାରାୟଣ ପ୍ରଧାନଙ୍କ ବାସଭବନସ୍ଥ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁଧୀର କୁମାର କର, ସୁଷମା ଭୂୟାଁ ଓ ସଞ୍ଜୁକ୍ତା ପ୍ରଧାନ ଅଂଶଗ୍ରହଣ କରିଥିଲେ ।... ୩.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବର୍ଦ୍ଧନାଠାରେ ସାଙ୍ଗଠନିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପେନ୍ଦ୍ର ଦଳାଇ, ସନ୍ଦୀପ ସାମଲ, ନରେନ୍ ବାରିକ ଓ ଧୀରେନ୍ଦ୍ର ପ୍ରଧାନ ଅଂଶଗ୍ରହଣ

କରିଥିଲେ।... ୪.୮.୨୫ରେ ଶାନ୍ତିଆସ୍ଥିତ ପୁଷ୍ପଲତା ସେନାପତିଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ମା'ପୁସ୍ତକ" ବିଷୟରେ ଲଳିତରଞ୍ଜନ ସେନାପତି, ସଞ୍ଜୁକ୍ତା ପ୍ରଧାନ, ସୁଷମା ଭୂୟାଁ ଆଲୋଚନା କରିଥିଲେ।... ୫.୮.୨୫ରେ ଜଳେଶ୍ୱର ଶେଖବାଡସ୍ଥିତ ସରୋଜ ରଞ୍ଜନ ସେନାପତିଙ୍କ ବାସଭବନସ୍ଥ ଶ୍ରୀଅରବିନ୍ଦ ପାଠଚକ୍ରରେ "କାରାକାହାଣୀ" ବିଷୟରେ ଧୀରେନ୍ଦ୍ର ପ୍ରଧାନ, ଦେବ ପ୍ରସାଦ ଜେନା ଓ ସଞ୍ଜୁକ୍ତା ପ୍ରଧାନ ଆଲୋଚନା କରିଥିଲେ।... ଅଗଷ୍ଟ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇଶ୍ୱରପୁର, ଔପଦାଠାରେ ବାଲେଶ୍ୱର ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସମୁହର ପ୍ରାକ୍ ପ୍ରାଥମିକ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କର କର୍ମଶାଳା ଦୟାନିଧି ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଶ୍ୱନୀ ମଉଗଜ ସ୍ୱାଗତ ଭାଷଣ, ନାରାୟଣ ଅଗସ୍ତି "ଜାତୀୟ ଶିକ୍ଷା ନୀତି -୨୦୨୦", ତ୍ରିନାଥ ସାହୁ "ପ୍ରଶିକ୍ଷଣର ଆବଶ୍ୟକତା କ'ଣ ଓ କାହିଁକି" ଓ ରଞ୍ଜନ ଜେନା "ପ୍ରଶିକ୍ଷଣ କାର୍ଯ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାରେ ଥିବା ୪୧ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟରୁ ୧୮ ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଧଳ, ରଞ୍ଜନ ଜେନା, ତିଳୋତ୍ତମା ବାରିକ, ସାଗରିକା ପରିଡ଼ା, ଶୁଭଶ୍ରୀ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ଅଗଷ୍ଟ ୬ ରୁ ୧୭ ତାରିଖ ମଧ୍ୟରେ ବିଭିନ୍ନ ଦିବସରେ ନୂଆବଜାରସ୍ଥିତ ସୁଜୟ ଗିରି ଓ ସୁନୀଲ ପଟ୍ଟନାୟକ, ରାଜପୁରସ୍ଥିତ ଗୟାପ୍ରସାଦ ବେହେରା, ପ୍ରଦୀପ କୁମାର ଜେନା, ଶେଖବାଡସ୍ଥିତ କଲ୍ୟାଣୀ ପ୍ରଧାନ, ଶାନ୍ତିଆସ୍ଥିତ ଲଳିତ ରଞ୍ଜନ ସେନାପତି, ଭଣ୍ଡାରୀପଲ୍ଲୀସ୍ଥିତ କାଶୀନାଥ ପରିଡା, କୃଷ୍ଣନଗରସ୍ଥିତ ପ୍ରଦୀପ କୁମାର ଜେନା, ତାଳବଣିଆସ୍ଥିତ ସତ୍ୟବାଦୀ ପରିଡା, ରାଧାନଗରସ୍ଥିତ ଅଶୋକ ଦାସ ଏବଂ ଶାସନବାଡସ୍ଥିତ ଆଶୁତୋଷ ପଟ୍ଟନାୟକ ପ୍ରମୁଖଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁଧୀର କର, ଦେବ ପ୍ରସାଦ ଜେନା, ଧୀରେନ୍ଦ୍ର ପ୍ରଧାନ, ସଞ୍ଜୁକ୍ତା ପ୍ରଧାନ, ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ଦେ, ଗଙ୍ଗାନାରାୟଣ ପ୍ରଧାନ ଓ ସତ୍ୟରଞ୍ଜନ ସେନାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧୭.୮.୨୫ରେ ଶ୍ରୀମାଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଗଡାପାଳଠାରେ ବାଲେଶ୍ୱର ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଓ ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍‌ର କର୍ମଶାଳା

ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ହରେନ୍ଦ୍ର ଭୋଇ ସ୍ୱାଗତ ଭାଷଣ, ଦୟାନିଧି ପାତ୍ର "ଆଇନ କାନୁନ୍‌ରେ ଆଧ୍ୟାତ୍ମିକତା", ବିଜୟାନନ୍ଦ ଦ୍ୱିବେଦୀ ଓ ଦାଶରଥି ପରିଡା "ଭାରତୀୟ ଆଇନ୍ ବ୍ୟବସ୍ଥାର ବିଭିନ୍ନ ଧାରା", ଆଶୁତୋଷ ପରିଡା "ଶ୍ରୀଅରବିନ୍ଦ ଆଇନ୍ କାନୁନ୍ ବ୍ୟବସ୍ଥାରେ କେବଳ ସତ୍ୟ" ଓ ଅର୍ଦ୍ଧେନ୍ଦୁ ବାରିକ "ସତ୍ୟପଥରେ ଚାଲ" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ବିନୋଦ ଭୋଇ କୃତଜ୍ଞତା ଜ୍ଞାପନ କରୁଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଖାଲ ମାହାନା, ଚିନ୍ମୟ ଜେନା, ଗୁରୁ ପ୍ରସାଦ ମାହାନା, ବରେନ୍ଦ୍ର ମାନିକ, ତଥା ଅନେକ ମାତୃପ୍ରେମୀ ଅପାଭାଇ ସହଯୋଗ କରିଥିଲେ।... ଅଗଷ୍ଟ ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଛ'ମୌଜା, ଜଳେଶ୍ୱରଠାରେ ବାଲେଶ୍ୱର ଜିଲ୍ଲାର ୨୦ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୁହର ପ୍ରାକ୍ ପ୍ରାଥମିକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରଜେନ୍ଦ୍ର ନାଥ ଗିରି ସଭାପତିତ୍ୱ କରିଥିଲାବେଳେ ନାରାୟଣ ଅଗସ୍ତି, ତ୍ରିନାଥ ସାହୁ, ପ୍ରଦୀପ କୁମାର ଧଳ, ରଞ୍ଜନ ଜେନା, ବିପିନ ବିହାରୀ ବାରିକ, ପ୍ରଦୀପ କୁମାର ଜେନା ଓ ନରେନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳାରେ ୪୦ ଜଣରୁ ଅଧିକ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ କରୁଣାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଭଦ୍ରକ:-** ... ୨୭.୭.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର, ଦିବ୍ୟଭୂମି, କୋହ୍ଲର ୩୦ତମ ବାର୍ଷିକୋତ୍ସବ ଏବଂ ପୂଜ୍ୟ ପ୍ରପତ୍ତି ମହାଶୟଙ୍କର ଜନ୍ମଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦୀପ କୁମାର ଜେନା "ପ୍ରପତ୍ତି ମହାଶୟଙ୍କର ଜନ୍ମଶତବାର୍ଷିକୀ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୭.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଳୋଠାରେ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପ୍ରପତ୍ତିଙ୍କ ଜୀବନୀ" ଏବଂ "ପ୍ରପତ୍ତି ଓଡିଶାର ମାତୃକାର୍ଯ୍ୟର ଅଗ୍ରଦୂତ" ସମ୍ପର୍କରେ ଦାମୋଦର ଜେନା ଓ ସ୍ମିତାଞ୍ଜଳି ଜେନା ଆଲୋଚନା କରିଥିଲେ।... ୨୭.୭.୨୫ରେ ମାତୃସେବା ଶ୍ରୀଅରବିନ୍ଦ ପାଠଚକ୍ର ଖପୁରୀଆପଦାଠାରେ ମାସିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ

"ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା" ଓ "ଆମେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ କାହିଁକି ଗ୍ରହଣ କରିବା" ସମ୍ପର୍କରେ ରାହାସ ବିହାରୀ ଜେନା ଓ ସନାତନ ମିଶ୍ର ଆଲୋଚନା କରିଥିଲେ। ଗଦାଧର ଜେନା ଓ ମନୋରଞ୍ଜନ ଜେନା ସାଙ୍ଗଠନିକ ଆଲୋଚନା ଏବଂ ହୃଷିକେଶ ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।... ୭.୮.୨୫ରେ ଭଦ୍ରକ ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଶ୍ରୀକ୍ଷେତ୍ର, ଓଲଙ୍ଗଠାରେ ପୂଜ୍ୟ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ଜ୍ୟୋତିପ୍ରଭା ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦାମୋଦର ଜେନା, ଜ୍ୟୋତିପ୍ରଭା ଶତପଥି, ସଞ୍ଜୀବ ସାହୁ, ବୁଦ୍ଧଦେବ ସାହୁ "ପ୍ରପତ୍ତିଙ୍କ ଜୀବନ ଦର୍ଶନ" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ଚନ୍ଦ୍ରଚୂଡ଼ ଦୀକ୍ଷିତ କୃତଜ୍ଞତା ଜଣାଇଥିଲେ।... ୧୪.୮.୨୫ରେ ଖପୁରୀଆପଦାସ୍ଥିତ ଜଗନ୍ନାଥ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ତଥା ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ଭରତଚନ୍ଦ୍ର ନନ୍ଦ ଓ ଭାଗିରଥୀ ସାହୁ "ବାବାଜି ମହାରାଜଙ୍କ ଜୀବନୀ" ଏବଂ "ନାମଜପ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ଜନ୍ମଦିବସ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଲୋର ପ୍ରତିଷ୍ଠା ଦିବସ ଭାଗିରଥି ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ "ସ୍ୱାଧୀନ ଭାରତର ଅଖଣ୍ଡତା ଓ ଶ୍ରୀଅରବିନ୍ଦ", "ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ", "ପୂର୍ଣ୍ଣାଙ୍ଗ ଶିକ୍ଷା" ଏବଂ "ସ୍ୱାଧୀନତା ଦିବସ ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ନାରାୟଣ ଦାଶ, ଭାଗିରଥୀ ସାହୁ, ମନୋରଞ୍ଜନ ଜେନା ଓ ଗଣେଶ ପ୍ରସାଦ ସେଠୀ ଆଲୋଚନା କରିଥିଲେ।... ୧୫.୮.୨୫ରେ ଖପୁରୀଆପଦାସ୍ଥିତ ଦୀନବନ୍ଧୁ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଭାଗିରଥୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନରେ ମା'ଙ୍କର କୃପା" ଓ "ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓ ଶୁଭଜନ୍ମଦିନ" ସମ୍ପର୍କରେ ଭରତ ଚନ୍ଦ୍ର ନନ୍ଦ ଓ ଭାଗିରଥୀ ସାହୁ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଓଲଙ୍ଗଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ଜ୍ୟୋତିପ୍ରଭା ଶତପଥୀ, ସଞ୍ଜିବ ସାହୁ, ଚନ୍ଦ୍ରଚୂଡ ଦୀକ୍ଷିତ "ମାନବ ଜାତିପ୍ରତି ଶ୍ରୀଅରବିନ୍ଦଙ୍କ ବାର୍ତ୍ତା", "ଜୀବନରେ ଶୃଙ୍ଖଳା", "ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରିଥିଲେ।... ଜୁଲାଇ ୧୮,

୨୫, ଅଗଷ୍ଟ ୧ ଓ ୮ ତାରିଖରେ ଖପୁରୀଆପଦାସ୍ଥିତ ବସନ୍ତ କୁମାର ସାହୁ ଓ ହୃଷିକେଶ ମିଶ୍ର, ବନ୍ଧାଳୋସ୍ଥିତ ରବିନ୍ଦ୍ର ନାରାୟଣ, ନାଆଁମୀ ଗ୍ରାମର ବିଷ୍ଣୁଚରଣ ଜେନା ପ୍ରମୁଖଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥୀ ସାହୁ, ମନୋରଞ୍ଜନ ଜେନା, ଭରତ ଚନ୍ଦ୍ର ନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### କୃପା ମଣ୍ଡଳ

**ଅନୁଗୋଳ:-** ଅଗଷ୍ଟ ୨୦ ରୁ୨୪ ତାରିଖ ପର୍ଯ୍ୟନ୍ତ ଡେରାଠାରେ ଜିଲ୍ଲାସ୍ତରୀୟ ଶିକ୍ଷକ/ ଶିକ୍ଷୟତ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କପିଳେଶ୍ୱର ମିଶ୍ର ଏବଂ ବ୍ରଜବନ୍ଧୁ ବେହେରା "ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ୧୫ଟି ଶ୍ରୀଅରବିନ୍ଦ ପୂର୍ଣ୍ଣା ଶିକ୍ଷା କେନ୍ଦ୍ରରୁ ୪୨ ଜଣ ଶିକ୍ଷକ/ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିନୋଦ ଦେବତା, ବିଭୁତି ଭୁଷଣ ପାଢ଼ୀ, ଅକ୍ଷୟ କୁମାର ବିଶ୍ୱାଳ ଏବଂ ଶରତ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ।

**ଢେଙ୍କାନାଳ:-** ୨୨.୭.୨୫ରେ ସିମିଳିଆସ୍ଥିତ ପୂର୍ଣ୍ଣିମା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟସଙ୍ଗତି ଆଞ୍ଚଳିକ ପାଠଚକ୍ର ଜସ୍ମିନ ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ, ପାର୍ବତୀ ଜେନା, ଅନିମା ସାହୁ ଓ ବନିତା ବେହେରା ଅଂଶଗ୍ରହଣ କରିଥିଲେ।... ୨୪.୭.୨୫ରେ ଗଡିଁଆଠାରେ ବ୍ଲକ ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ସମାବେଶ ବୈଠକ ସବିତା ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ସ୍ୱାଇଁ, ନିରଞ୍ଜନ ମହାପାତ୍ର, ସୁଲୋଚନା ସାହୁ, ଯତୀନ କୁମାର ସାହୁ, ସଙ୍ଗୀତା ସାହୁ, କୈଳାସ ଚନ୍ଦ୍ର ସାହୁ ଓ କୁମୁଦିନି ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୪.୭.୨୫ରେ ଲକ୍ଷ୍ମୀଧରପୁରଠାରେ ମାତୃକୃପା ମହିଳା ପାଠଚକ୍ରର ୧୫ତମ ବାର୍ଷିକୋତ୍ସବ ଏବଂ ଜିତେନ୍ଦ୍ର ସେଠୀଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ଚତୁର୍ଥ ବାର୍ଷିକୋତ୍ସବ ଗୀତାଞ୍ଜଳି ମହାନ୍ତଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବର ସ୍ଥିତି ଓ ପରିଚିତ" ଏବଂ "ଲକ୍ଷ୍ୟ, ସାଧନା, ସିଦ୍ଧି" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୨୫.୭.୨୫ରେ ରୟାଲ ଇଣ୍ଟରନେସନାଲ ସ୍କୁଲରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ ଓ ତିନୋଟି ପାଗଳାମୀ" ସମ୍ପର୍କରେ ସୁଲୋଚନା ସାହୁ ଓ ପରେଶ ଚନ୍ଦ୍ର ପଟ୍ଟନାୟକ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଞ୍ଜିତା ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।...

୨୫.୭.୨୫ରେ ବୋରାପଦାସ୍ଥିତ ଝରଣା ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ରାଜଶ୍ରୀ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀପ୍ରପତ୍ତିଙ୍କ ରଚନା ସଂଗ୍ରହ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୫.୭.୨୫ରେ ଦକ୍ଷିଣ ମଧୁବନ କୁଞ୍ଜକାନ୍ତସ୍ଥିତ ବୈଜୟନ୍ତୀ ସ୍ୱାଇଁଙ୍କ ବାସଭବନରେ ଦିବ୍ୟକୃପା ଶ୍ରୀଅରବିନ୍ଦ ପାଠଚକ୍ରର ନବମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ଶରତ କୁମାରୀ ଭଞ୍ଜ, ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୩୦.୭.୨୫ରେ ଲକ୍ଷ୍ମୀଧରପୁରସ୍ଥିତ ସତ୍ୟନାରାୟଣ ପୃଷ୍ଟିଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟଜୀବନ ପାଠଚକ୍ର ନାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଯଥାର୍ଥ ସ୍ୱରୂପ ଓ ଭୂମିକା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୩୧.୭.୨୫ରେ ସିମିଳିଆସ୍ଥିତ ପବନି ବେହେରାଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭଗବାନ କିଏ?" ଓ "ଆତ୍ମ ନିୟନ୍ତ୍ରଣ" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୧.୮.୨୫ରେ ଲକ୍ଷ୍ମୀଧରପୁରସ୍ଥିତ ଅରୁଣ କୁମାର ପୃଷ୍ଟିଙ୍କ ବାସଭବନରେ ମୀରାମ୍ବିକା ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ମମତା ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନାମଜପର ମାହାତ୍ମ୍ୟ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୧.୮.୨୫ରେ ଦକ୍ଷିଣ ମଧୁବନ କୁଞ୍ଜକାନ୍ତସ୍ଥିତ ଦ୍ରୌପଦୀ ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟଜ୍ଞାନ ପାଠଚକ୍ରର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତିମାନସ ଭୂମିରେ ଚେତନା" ସମ୍ପର୍କରେ ପ୍ରିତିସୁଧା ଆଲୋଚନା କରିଥିଲେ।... ୩.୮.୨୫ରେ ଅନଳସ୍ଥିତ ବିଭୁତି ବେହେରାଙ୍କ ବାସଭବନରେ ଅରୋଶ୍ରୀ ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ଅର୍ଚ୍ଚନା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନର ଲକ୍ଷ୍ୟ ଓ ସାମୁହିକ ଜୀବନ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୩.୮.୨୫ରେ ସାଆନ୍ଦାପଶିପାଟଣାସ୍ଥିତ ସ୍ୱର୍ଣ୍ଣରେଣୁ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ କୁମୁଦିନି ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମା'ଙ୍କ ଆଲୋକ" ସମ୍ପର୍କରେ ସାମୁହିକ

ଆଲୋଚନା କରାଯାଇଥିଲା ।... ୪.୮.୨୫ରେ ଶ୍ୟାମାଚରଣପୁରସ୍ଥିତ ଗୌର ମୋହନ ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୨ତମ ବାର୍ଷିକୋତ୍ସବ ରାଜଶ୍ରୀ ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମନର ପ୍ରସ୍ତୁତି" ସମ୍ପର୍କରେ ବିଷ୍ଣୁଚରଣ ସ୍ୱାଇଁ ଆଲୋଚନା କରିଥିଲେ ।... ୫.୮.୨୫ରେ ଗଉଳିଆ ଗ୍ରାମର ସବିତା ବେହେରାଙ୍କ ବାସଭବନରେ ମାତୃମୀରା ଶ୍ରୀଅରବିନ୍ଦ ପାଠଚକ୍ର ସନ୍ତୋଷ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସୃଜନ ଓ କ୍ରମ ବିକାଶ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲାବେଳେ ନିରଞ୍ଜନ ମହାପାତ୍ର ଉପସଂହାର କରିଥିଲେ ।... ୬.୮.୨୫ରେ ଟାଉନପ୍ଲାନିଂସ୍ଥିତ ଅନ୍ତର୍ଯ୍ୟାମୀ ସାହୁଙ୍କ ବାସଭବନରେ ପ୍ରେମମୟୀ ମହିଳା ପାଠଚକ୍ରର ୩୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମନେରଖ ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆଯାଇଛି" ସମ୍ପର୍କରେ ବିଷ୍ଣୁଚରଣ ସ୍ୱାଇଁ ଆଲୋଚନା କରିଥିଲେ ।... ୬.୮.୨୫ରେ ଗୁଡିଆନାଳୀସ୍ଥିତ ଗୀତାରାଣୀ ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ଅଗଷ୍ଟ ୭ ଓ ୧୧ ତାରିଖରେ ସରିତା ସିଂ ସାମନ୍ତଙ୍କ ପରିଚାଳନାରେ ଶ୍ରୀବଳରାମ ହାଇସ୍କୁଲଠାରେ ଶ୍ରୀଅରବିନ୍ଦ ପାଠଚକ୍ର, ଶୁଆଖାଇ କାଟେଣୀ ହାଇସ୍କୁଲ ଏବଂ ସିମିଳିଆସ୍ଥିତ ମଧୁସୂଦନ ଆବାସିକ ବିଦ୍ୟାଳୟଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରେଶ ଚନ୍ଦ୍ର ପଟ୍ଟନାୟକ, ସୁଲୋଚନା ସାହୁ ଓ ଦିଲୀପ କୁମାର ରାଜ "ନୈତିକ ଶିକ୍ଷା", "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ ଓ ତିନୋଟି ପାଗଳାମୀ", "ଶୃଙ୍ଖଳିତ ଜୀବନ", "ଶ୍ରୀଅରବିନ୍ଦଙ୍କ ଜୀବନୀ", "ଛାତ୍ରମାନଙ୍କର କର୍ତ୍ତବ୍ୟ ସାଧନ", "ପୂର୍ଣ୍ଣ ସ୍ୱରାଜ ଓ ଦୁର୍ଗାସ୍ତୋତ୍ର" ଆଦି ବିଷୟଗୁଡ଼ିକୁ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପାର୍ବତୀ ଜେନା, ଜସ୍ମିନ ସାହୁ, ରଜତ କୁମାର ମହାପାତ୍ର, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।... ୧୧.୮.୨୫ରେ ସିମିଳିଆସ୍ଥିତ ରମେଶ ଚନ୍ଦ୍ର ସାହୁଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁଲୋଚନା ସାହୁ "ଗୀତା ନିବନ୍ଧମାଳା" ସମ୍ବନ୍ଧରେ ଆଲୋଚନା କରିଥିଲେ ।... ୧୨.୮.୨୫ରେ ବଳଦିଆବନ୍ଧିଆସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଗୌରାଙ୍ଗ ଚରଣ ବିଦ୍ୟାପୀଠ ସରକାରୀ ସ୍କୁଲଠାରେ ଶ୍ରୀଅରବିନ୍ଦ

ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରେଶ ଚନ୍ଦ୍ର ପଟ୍ଟନାୟକ, ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର "କଳା ଓ ସଂସ୍କୃତି", "ଆସ ନିଜ ଭିତରେ ମା'ଙ୍କୁ ଖୋଜିବା", "ଛାତ୍ରର ସର୍ବନିମ୍ନ ଯୋଗ୍ୟତା", "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ ଓ ତିନୋଟି ପାଗଳାମୀ" ଓ "ଜୀବନରେ ଶୃଙ୍ଖଳାର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୪.୮.୨୫ ରେ ରାଜବାଟୀ ଚୌକଠାରେ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀ ଦିବସ ସୁଲୋଚନା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ପରେଶ ଚନ୍ଦ୍ର ପଟ୍ଟନାୟକ, "ଶ୍ରୀରାମକୃଷ୍ଣ ଦାସ" ଓ "ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ସଙ୍ଗଠନ" ସମ୍ପର୍କରେ ଟିକିନା ପୃଷ୍ଟି, ପ୍ରଣତୀ ନନ୍ଦ, ସବିତା ସାହୁ, ହୃଷିକେଶ ଖିଲାର, କୁନ୍ତଳା ବେହେରା, ବାବୁଲି ବିଶ୍ୱାସ ବେହେରା, ଧୀରେନ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ପ୍ରତିମା ସ୍ୱାଇଁ, ପାର୍ବତୀ ଜେନା, ବିଭୁଦାନନ୍ଦ ଜେନା ଓ ଅଜୟ କୁମାର ବଳ ଆଲୋଚନା କରିଥିଲେ ଏବଂ ନିରଞ୍ଜନ ମହାପାତ୍ର ଉପସଂହାର ପ୍ରଦାନ କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ନଗର ମହିଷାପାଟଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ସନ୍ତୋଷ କୁମାର ସ୍ୱାଇଁଙ୍କ ପରିଚାଳନାରେ ପାଳିତ ହୋଇଯାଇଛି । ଏଥିରେ "ଯୁଗାବତାର ଶ୍ରୀମା ଶ୍ରୀଅରବିନ୍ଦ", "ଅବତାରଙ୍କ ଜନ୍ମ କର୍ମ ସବୁ ଦିବ୍ୟ" ସମ୍ପର୍କରେ ବିଷ୍ଣୁଚରଣ ସ୍ୱାଇଁ, ସୁଲୋଚନା ସାହୁ ଆଲୋଚନା କରିଥିଲେ। ଏବଂ ଧିରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ଭବନ, ରାଜବାଟୀ ଚୌକଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅଗଷ୍ଟ ୧୫ ଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ସୁଲୋଚନା ସାହୁ, ସନ୍ତୋଷ କୁମାର ସ୍ୱାଇଁ, ଶରତ କୁମାରୀ ଭଞ୍ଜ, ପ୍ରଣତୀ ନନ୍ଦ ଓ ସ୍ୱର୍ଣ୍ଣଲତା ଦାଶ ଆଲୋଚନା କରିଥିଲେ।... ୧୫.୮.୨୫ରେ ଷ୍ଟେସନ ବଜାରସ୍ଥିତ ତୁଷାରକାନ୍ତ ସାହୁଙ୍କ ବାସଭବନରେ ସତ୍ୟମୟୀ ମହିଳା ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପ୍ରଭୁଙ୍କ ସଙ୍କଳ୍ପ" ସମ୍ପର୍କରେ ସୁଲୋଚନା ସାହୁ, ସନ୍ତୋଷ କୁମାର ସ୍ୱାଇଁ, ସ୍ୱର୍ଣ୍ଣଲତା ଦାଶ ଓ ଜ୍ୟୋତିର୍ମୟୀ ରାଉତ ଆଲୋଚନା କରିଥିଲେ।... ୧୫.୮.୨୫ରେ ହାଉସିଂବୋର୍ଡସ୍ଥିତ ଗିରିଧର ସାହୁଙ୍କ ବାସଭବନରେ ନବସୃଷ୍ଟି ଛାତ୍ର ସମାଜ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "Youth of India" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ।... ଅଗଷ୍ଟ ୧୬ ଓ

୧୭ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ବଳଦିଆବନ୍ଧଠାରେ କ୍ରପାକୋନ୍‌ସ୍ତରୀୟ ଦୁଇଦିନିଆ ଶିକ୍ଷକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରଞ୍ଜନ ମହାପାତ୍ର ଓ ପ୍ରେମାନନ୍ଦ ବାରିକ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୦ଜଣ ଅପାଭାଇ ଯୋଗଦାନ କରିଥିଲେ।... ୨୦.୮.୨୫ରେ ବାରୁଆଁ, ଅନଳ ଓ ଲକ୍ଷ୍ମୀଧରପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ଓ ଭାରତବର୍ଷ", "ଭଗବାନଙ୍କ ଉପସ୍ଥିତି", "ନାମଜପ", "ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ", "ଶ୍ରୀଅରବିନ୍ଦ ପାଠଚକ୍ର", "ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନର ପରିପୂରଣ ଦିଗରେ ଆମ୍ଭମାନଙ୍କର ସହଯୋଗ", "ପରିବେଶର ପ୍ରସ୍ତୁତି", "ଆମ ଭିତରର ସମ୍ଭାବନା" ଓ "ନିରବତା" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦୀନବନ୍ଧୁ ବେହେରା, ବିଭୁଦାନନ୍ଦ ଜେନା ଓ ଜୈନେତ୍ରୀ ଦାସ ସ୍ୱାଗତ ଭାଷଣ ଏବଂ ବିଭୁଦାନନ୍ଦ ଜେନା, ପଙ୍କଜ ମହାକୁଡ ଓ ଜୈନେତ୍ରୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ, ଅପାଭାଇ ଓ ସ୍କୁଲ ପରିଚାଳନା କମିଟିର ସଭ୍ୟମାନେ ଅଂଶଗ୍ରହଣ କରିଥିଲେ।... ୧୭.୮.୨୫ରେ ସୁଜାତା ଷଡଙ୍ଗୀଙ୍କ ବାସଭବନରେ ଦିବ୍ୟ ସଙ୍ଗତି ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ରୂପାନ୍ତର" ସମ୍ପର୍କରେ ସୁଲୋଚନା ସାହୁ, ନିରଞ୍ଜନ ମହାପାତ୍ର ଓ ସନ୍ତୋଷ କୁମାର ସ୍ୱାଇଁ ଆଲୋଚନା କରିଥିଲେ।

### ଶାନ୍ତି ମଣ୍ଡଳ

**ସୁବର୍ଣ୍ଣପୁର ଜିଲ୍ଲା:-** ୧୦.୦୮.୨୫ ଦିନ Sri Aurobindo Medical Association ତରଫରୁ ଶ୍ୟାମ ସୁନ୍ଦର ପଣ୍ଡାଙ୍କ ପ୍ରଚେଷ୍ଟାରେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପତିତ କୁମାର ବେହେରା ସ୍ୱାଗତ ଭାଷଣ, ମଦନ ମୋହନ ଦାନି ଓ ସୁଧାଂଶୁ ଶେଖର ଲୁହା "ଶିକ୍ଷା କେନ୍ଦ୍ରସ୍ତରରେ ସ୍ୱାସ୍ଥ୍ୟ କାର୍ଡର ଉପଯୋଗୀତା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୨ଟି ଶିକ୍ଷା କେନ୍ଦ୍ରରୁ ମୋଟ ୨୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ ଏବଂ ଲଳିତ ମୋହନ ପୂଜାହାରି କୃତଜ୍ଞତା ଜ୍ଞାପନ କରିଥିଲେ।

### ସତ୍ୟ ମଣ୍ଡଳ

**କଟକ:-** ୧୬.୭.୨୫ରେ ପଟଣାଠାରେ ମୀରାମ୍ବିକା ପାଠଚକ୍ର ସରୋଜ ନଳିନୀ

ପରିଜାଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାରାୟଣ ଚନ୍ଦ୍ର ମହାନ୍ତି, ସୃଷ୍ଟି ସୃଜନିକା ଦାସ ମହାପାତ୍ର ଓ ଶ୍ରେୟାଂଶ ମହାନ୍ତି ଯୋଗଦାନ କରିଥିଲେ ।... ୧୭.୭.୨୫ରେ ବହଳପଡା ସ୍ଥିତ ଶ୍ରୀଅରବିନ୍ଦ ସାଧନାପୀଠଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଯୋଗାଧାର" ପୁସ୍ତକ ଅଧ୍ୟୟନ କରାଯାଇ ଆଲୋଚନା କରାଯାଇଥିଲା ।... ୧୮.୭.୨୫ରେ ବନ୍ତୁଣିଆସ୍ଥିତ ଭକ୍ତଭବନ ଠାରେ ଶଙ୍କର୍ଷଣ ସେନାପତିଙ୍କ ଆୟୋଜନ ରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୮.୭.୨୫ରେ ଦଧିବାମନପୁରସ୍ଥିତ ବେଦଶ୍ରୀ ଭବନଠା ରେ ଜ୍ୟୋସ୍ନାରାଣୀ ଦାଶଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୯.୭.୨୫ରେ ଦେଉଳୀସ୍ଥିତ ବନ୍ଦନା ଦୀକ୍ଷିତଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨୦.୭.୨୫ରେ ଝିଙ୍କିରିଆ ଓ ବହଳପଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଶାନ୍ତ କୁମାର ନନ୍ଦ ଓ ନବ କିଶୋର ଦାଶଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ- ଦ୍ୱିତୀୟ ଓ ତୃତୀୟ ଖଣ୍ଡ" ପୁସ୍ତକ ପାଠକରି ଆଲୋଚନା କରାଯାଇଥିଲା ।... ୨୦.୭.୨୫ରେ ଶ୍ରୀରାମସ୍ଥିତ ଶ୍ରୀମାଶ୍ରୀଅରବିନ୍ଦ ପାଠଚକ୍ର ଭବନଠାରେ ଧର୍ମାନନ୍ଦ ପାଣ୍ଡେଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ଓ ଭବିଷ୍ୟତ ମାନବ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨୧.୭.୨୫ରେ ଦହିଗାଁସ୍ଥିତ ମୀରାମ୍ବିକା ପାଠଚକ୍ର ରଶ୍ମିତା ପତିଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୟ ଭୂଷଣ ପତି, ଗାୟତ୍ରୀ ପତି ଓ ବିରଞ୍ଚି ପଦାରବିନ୍ଦ ପତି ଯୋଗଦାନ କରିଥିଲେ ।... ୨୪.୭.୨୫ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ସାଧନା ପୀଠଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଅବଚେତନାର ପ୍ରଭାବ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୧.୮.୨୫ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ରଠାରେ ରସାନନ୍ଦ ଲେଙ୍କାଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଶଙ୍କର୍ଷଣ ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀ ଚରଣ ସେନାପତି "ନିଃସ୍ୱାର୍ଥପର କର୍ମ ମାଧ୍ୟମରେ ପ୍ରଭୁଙ୍କ ପ୍ରତି କୃତଜ୍ଞତା ଜ୍ଞାପନ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨.୮.୨୫ରେ ଶ୍ରୀରାମସ୍ଥିତ ମୁରଲୀଧର ବାରିକ ଓ ସଞ୍ଜୁକ୍ତା

ବାରିକଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ସଙ୍ଗ ହିଁ ଉନ୍ନତି ଓ ଅବନତିର କାରଣ" ସମ୍ପର୍କରେ ନାରାୟଣ ଚନ୍ଦ୍ର ଶତପଥି, ଜ୍ୟୋସ୍ନାରାଣୀ ଦାଶ ଓ କାଳନ୍ଦୀଚରଣ ସେନାପତି ଆଲୋଚନା କରିଥିଲେ।... ୪.୮.୨୫ରେ ଦଧିବାମନପୁରସ୍ଥିତ କିଶୋରୀ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରରେ ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଜ୍ୟୋସ୍ନାରାଣୀ ଦାଶ, ଶଙ୍କର୍ଷଣ ସେନାପତି ଓ କାଳନ୍ଦୀଚରଣ ସେନାପତି ଆଲୋଚନା କରିଥିଲେ।... ୫.୮.୨୫ରେ ତଇଲିପଡାସ୍ଥିତ ମାତୃସାଧନାଳୟଠାରେ ସଞ୍ଜୟ କୁମାର ମହାପାତ୍ର ଓ ମୋନାଲିସା ମହାପାତ୍ରଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା ଓ କାଳନ୍ଦୀ ଚରଣ ସେନାପତି "ମନୁଷ୍ୟର ବର୍ତ୍ତମାନ ଅବସ୍ଥା" ଓ "ଆମର ଆଦର୍ଶ" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୮.୨୫ରେ କଳପଡାସ୍ଥିତ ପ୍ରାଣକୃଷ୍ଣ ପତି ଓ ଇନ୍ଦୁପ୍ରଭା ପତିଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା ଓ କାଳନ୍ଦୀ ଚରଣ ସେନାପତି "ଭଗବତ ବିଶ୍ୱାସ ଓ ନିର୍ଭରତା" ଏବଂ "ଭଗବାନଙ୍କ ଚିରନ୍ତନ ଉପସ୍ଥିତି" ସମ୍ପର୍କରେ ଆଲୋଚନା କରିଥିଲେ।... ୭.୮.୨୫ରେ ବନ୍ତୁଣିଆସ୍ଥିତ ଭକ୍ତ ଭବନଠାରେ ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି "କେନ୍ଦ୍ରୀୟ ସଙ୍କଳ୍ପ" ସମ୍ପର୍କରେ ଆଲୋଚନା କରିଥିଲେ।... ଅଗଷ୍ଟ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖୁଣ୍ଟକଟାଠାରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ପୂର୍ଣ୍ଣଚନ୍ଦ୍ର ମହନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୪ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଅପାଭାଇ ଯୋଗଦାନ କରିଥିଲେ।... ୯.୮.୨୫ରେ ପଟଣାସ୍ଥିତ ମୀରାମ୍ବିକା ପାଠଚକ୍ରରେ ସରୋଜ ନଳିନୀ ପରିଜା ଓ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ଆୟୋଜନରେ ଅନୁଷ୍ଠିତ ହୋଇ ଶ୍ରୀଅରବିନ୍ଦ ପାଠଚକ୍ରରେ "ଲକ୍ଷ୍ୟପ୍ରାପ୍ତି ପାଇଁ କେନ୍ଦ୍ରୀୟ ସଙ୍କଳ୍ପର ପ୍ରୟୋଜନୀୟତା" ସମ୍ପର୍କରେ ଶଙ୍କର୍ଷଣ ସେନାପତି, ଜ୍ୟୋସ୍ନାରାଣୀ ଦାଶ, ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ।... ୧୦.୮.୨୫ରେ ବେଣ୍ଟକାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଦ୍ୟୁତ ପ୍ରଭା ଶତପଥିଙ୍କ ଆବାହନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ କଳା ପରିଷଦର କାର୍ଯ୍ୟକ୍ରମକୁ ନାରାୟଣ ଚନ୍ଦ୍ର ଶତପଥି, କାଳନ୍ଦୀ ଚରଣ ସେନାପତି,

ଶଙ୍କର୍ଷଣ ସେନାପତି, ସଞ୍ଜୟ କୁମାର ମହାପାତ୍ର, ମୋନାଲିସା ଦାଶ ଓ ମନୋରଞ୍ଜନ ଶତପଥି ପରିଚାଳନା କରିଥିଲେ।... ୧୧.୮.୨୫ରେ ବେଣ୍ଟକାରସ୍ଥିତ ମାତୃସାଧନାପୀଠଠାରେ ନିକୁଞ୍ଜ ବିହାରୀ ମହାନ୍ତି ଓ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସୂର୍ଯ୍ୟାଲୋକିତ ପଥ" ପ୍ରସଙ୍ଗରେ ସଞ୍ଜୟ କୁମାର ମହାପାତ୍ର ଓ ବିକାଶ ରଞ୍ଜନ ପରିଡା ଆଲୋଚନା କରିଥିଲେ।... ୧୦.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅଡଶପୁରଠାରେ ଶ୍ରୀଅରବିନ୍ଦ ୟୁନିଟ୍ ଅଫ୍ ଏଗ୍ରିକଲ୍‌ଚରର ବାର୍ଷିକ ବୈଠକ ଶରତ ଚନ୍ଦ୍ର ମିଶ୍ର ଓ ମାୟାଧର ସାହୁଙ୍କ ସଞ୍ଚୋଳନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡ. ବିଜୟ କୁମାର ପାତ୍ର, ଡ. ଅଧୀର କୁମାର ସାହୁ ଓ ଦେବେନ୍ଦ୍ର ବିଶ୍ୱାଳ "ଜୈବିକ କୃଷି, ଦୁଗ୍ଧ ଚାଷ, ଔଷଧୀୟ ଉଦ୍ଭିଦ ନର୍ସରୀର ରୋପଣ", "ଜଳ ସଂରକ୍ଷଣ", "ବିହନ ବ୍ୟାଙ୍କ" ଓ "ଚାରା ବିନିମୟ" ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୩ଜଣ ମାତୃକର୍ମୀ ଅଂଶଗ୍ରହଣ କରିଥିଲେ।... ୧୨.୮.୨୫ରେ ବହଳପଡାସ୍ଥିତ ଧୀରେନ୍ଦ୍ର ବହେରାଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆତ୍ମୋତ୍ସର୍ଗ ହିଁ ଆତ୍ମ ପରିପୂର୍ଣ୍ଣତା- ଆତ୍ମ ବିଲୋପ ନୁହେଁ" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର ଓ ବିକାଶ ରଞ୍ଜନ ପରିଡା ଆଲୋଚନା କରିଥିଲେ।... ୧୩.୮.୨୫ରେ ଦଧିବାମନପୁରସ୍ଥିତ ଲୀଳାବତୀ ମହାପାତ୍ରଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୟ କୁମାର ମହାପାତ୍ର ଓ ଶଙ୍କର୍ଷଣ ସେନାପତି "ପୂର୍ଣ୍ଣ ଯୋଗରେ ଭକ୍ତି" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୪.୮.୨୫ରେ ଧୂଳୀଶ୍ୱରସ୍ଥିତ ମାତୃ ସାଧନା ମନ୍ଦିରଠାରେ କ୍ଷେତ୍ରମୋହନ ସେନାପତି ଓ ତ୍ରିଲୋଚନ ସେନାପତିଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଓ ପରମପୂଜ୍ୟ ବାବାଜି ମହାରାଜଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ "ସାଧନାରେ ବାଧାବିପତ୍ତି ଓ ଭଗବତ୍ କୃପା" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ।... ୧୪.୮.୨୫ରେ ବହଳପଡାଠାରେ ଅନୀତା ସେନାପତିଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂଜ୍ୟ ଶ୍ରୀରାମକୃଷ୍ଣ ଦାସଙ୍କ ତପଃମୟ ଜୀବନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୮.୨୫ରେ ସମସରପୁରସ୍ଥିତ

ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ର ଅଶୋକ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭାରତର ସ୍ୱାଧୀନତା ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ପ୍ରକାଶ କୁମାର ବେହେରା ଓ ବଂଶୀଧର ରାଉତ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଫୁଲନଖରା ପରିସରରେ ମହାନ ଯୋଗୀ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୩ତମ ଜନ୍ମ ଦିବସ ଏବଂ ପୂଜ୍ୟ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି । ଏଥିରେ ଠାକୁର ପ୍ରସାଦ ଦାସ "ପ୍ରଭୁ ଶ୍ରୀଅରବିନ୍ଦ ଓ ସ୍ୱାଧୀନତା ଆନ୍ଦୋଳନ" ଓ "ପୂଜ୍ୟ ପ୍ରପତ୍ତି" ଏବଂ ଲକ୍ଷ୍ମୀଧର ଦଳାଇ ଓ ପର୍ଶୁରାମ ପାତ୍ର "ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ପରମା ଦିବ୍ୟଜନନୀଙ୍କ ଉପସ୍ଥିତିକୁ କିପରି ଅନୁଭବ କରବା" ବିଷୟରେ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶିଶୁଆସ୍ଥିତ ଅଶୋକ କୁମାର ମହାରଣାଙ୍କ ବାସଭବନରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ଓ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ "ମହାବିର୍ଭାବର ଉଦ୍ଦେଶ୍ୟ" ବିଷୟରେ ଅନୁରାଗ ମହାରଣା, ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ।... ୧୭.୮.୨୫ରେ ବେଣ୍ଟକାରସ୍ଥିତ ରଣଜିତ ମହାନ୍ତି ଓ ସ୍ମିତା ମହାନ୍ତିଙ୍କ ଆୟୋଜନ କ୍ରମେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀ ଚରଣ ସେନାପତି "ଆଧ୍ୟାତ୍ମିକତା ହିଁ ଭାରତୀୟ ମନୀଷାର ମୂଳଭିତ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୧.୮.୨୫ରେ ଶ୍ରୀମା ଲେନ୍‌ସ୍ଥିତ ଅରବିନ୍ଦ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସେ ସର୍ବଦା ହିଁ ଉପସ୍ଥିତ ଅଛନ୍ତି" ସମ୍ପର୍କରେ ପଦ୍ମଲୋଚନ ପୋଥାଳ, ସମରେନ୍ଦ୍ର ରାଉତ ଓ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ।... ୨୮.୮.୨୫ରେ ବେଲେଶ୍ୱର ନିଉ କଲୋନୀସ୍ଥିତ ପ୍ରସନ୍ନ କୁମାର ସ୍ୱାଇଁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନିଷ୍ଠାପରତା" ସମ୍ପର୍କରେ ପଦ୍ମଲୋଚନ ପୋଥାଳ ଓ ଚିତ୍ତରଞ୍ଜନ ବେହେରା ଆଲୋଚନା କରିଥିଲେ।... ଅଗଷ୍ଟ ମାସର ବିଭିନ୍ନ ଦିବସରେ କାଟେଣୀସ୍ଥିତ ଶ୍ରୀଅରବିନ୍ଦ ଅନ୍ତର୍ମୁଖୀ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ଡାଳିଯୋଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ, ନିଆଳିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି ।...

ଅଗଷ୍ଟ ମାସରେ ପ୍ରାକ୍ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିବିର ଖୁଣ୍ଟକଟା, ଗୋପୀନାଥପୁର, ମାତୃଭବନ ଓ ନିଆଳି ଆଦି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଅନୁଷ୍ଠିତ ହୋଇଯାଇଛି।... ଅଗଷ୍ଟ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ବେଲେଶ୍ୱର ଜୋନ ଅନ୍ତର୍ଗତ ବିଭିନ୍ନ ମାତୃପ୍ରେମୀ ଅପାଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

**କେନ୍ଦ୍ରାପଡ଼ା:-** ୨୬.୭.୨୫ରେ ଚାଟରାଚକୋଡାସ୍ଥିତ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ବାସଭବନରେ ସ୍ୱର୍ଗତଃ ନରହରି ସ୍ୱାଇଁଙ୍କ ଶ୍ରାଦ୍ଧବାର୍ଷିକୀ ଓ ଆନନ୍ଦମୟୀ ପାଠଚକ୍ରର ୬ଷ୍ଠତମ ବାର୍ଷିକ ଉତ୍ସବ ଖଗେଶ୍ୱର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଜନା ପ୍ରଧାନ, ପ୍ରମୋଦ ରାଉତ ଓ ନୟନା ବେହେରା "ଆତ୍ମାର ଅଭିଯାତ୍ରା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୭.୭.୨୫ରେ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡାଠାରେ ଦେବବ୍ରତ ସାମଲଙ୍କ ପରିଚାଳନାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବତୀ ପ୍ରସାଦ ଦାସ, ଉର୍ମିଳା ରାଉତ, ନୟନା ବେହେରା ଓ ଡା. ଧନେଶ୍ୱର ପ୍ରଧାନ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ ତୃତୀୟ ଖଣ୍ଡ" ପୁସ୍ତକରୁ କିଛି ଆଲୋଚନା କରିଥିଲେ।... ୩.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚାନ୍ଦପଲ୍ଲୀଠାରେ ଚଳିତ ମାସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।... ୮.୮.୨୫ରେ ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ଗ୍ରାମସ୍ଥ ମୀରାବାୟୀଙ୍କ ବାସଭବନରେ ଦିବ୍ୟାଲୋକ ପାଠଚକ୍ର ସୁଭାଷ ଚନ୍ଦ୍ର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସୁଭଦ୍ରା ରାଉତ ଓ ବୀନେନ୍ଦ୍ର ମହାନ୍ତି "ଜୀବନରେ ଦୁଃଖ କଷ୍ଟ ମଧ୍ୟରେ ଆନନ୍ଦର ଅନୁଭବ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୪.୮.୨୫ରେ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡାଠାରେ ଶ୍ରୀଅରବିନ୍ଦ ପାଠାଗାରର ୧୭ତମ ବାର୍ଷିକ ଉତ୍ସବ ନୟନା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଳୟ କୁମାର ଜେନା, ମଧୁସ୍ମିତା ରାଉତ ଓ ଉର୍ମିଳା ରାଉତ "ଓଡ଼ିଶାର ଭଗିରଥୀ ଶ୍ରୀରାମକୃଷ୍ଣ ଦାସ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ପୀଠ ଖୁରୁଷିଆଠାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବୀନ୍ଦ୍ର ନାଥ ସୂତାର, ନଳିନୀ

କାନ୍ତ ନାୟକ, ଜନ୍ମେଜୟ ପ୍ରଧାନ ଓ ଅନଙ୍ଗ ମହାପାତ୍ର "ଶ୍ରୀଅରବିନ୍ଦ ଓ ଭାରତବର୍ଷ" ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ କେନ୍ଦ୍ରାପଡାସ୍ଥିତ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର ଜଜାଙ୍ଗଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦୁଝର:-** ୧.୮.୨୫ରେ ଛେନାପଦି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସନାତନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଜୟ କୁମାର ପଲେଇ, ସୁରେନ୍ଦ୍ର କୁମାର ପୃଷ୍ଟି, ବିଦ୍ୟାଧର କର ଓ ବୃନ୍ଦବନ ବାଇ "ଦିବ୍ୟକର୍ମର ପ୍ରେରଣା ମା" ଓ "ଶ୍ରୀଅରବିନ୍ଦ ଓ ଅତିମାନସ ଜଗତ" ସମ୍ପର୍କରେ ଆଲୋଚନା କରିଥିଲେ।

**ଜଗତସିଂହପୁର-** ... ୧୭.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନବପାଟଣାଠାରେ ଏକ ଦିବସୀୟ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତାଞ୍ଜଳି ସେନାପତି, ଗୀତାଞ୍ଜଳି ମହାନ୍ତି, ସବିତା ତ୍ରିପାଠୀ, ସଂଯୁକ୍ତା ମହାନ୍ତି, ରିନା ରାଉତ ପ୍ରଭୃତିଙ୍କ ପରିଚାଳନାରେ ବାବାଜି ମହାରାଜଙ୍କ ଦ୍ୱାରା ରଚିତ ପୁସ୍ତକ "ଦିବ୍ୟ ଯୁଗ ସ୍ଥାପନରେ ନାରୀ" ପୁସ୍ତକକୁ ଦଳଗତ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୬୦ ଜଣ ଅପା ଭାଇ ଏଥିରେ ଯୋଗଦାନ କରିଥିଲେ।

**ଯାଜପୁର:-**... ୧୫.୬.୨୫ରେ ରଘୁନାଥପୁରସ୍ଥିତ ନାରାୟଣ ଚନ୍ଦ୍ର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାମ୍ପ୍ରତିକ ପରିସ୍ଥିତି, ଭୟ, ରୋଗ, ଦୁର୍ଘଟଣା" ସମ୍ପର୍କରେ ଚତୁର୍ଭୁଜ ସାହୁ, ପ୍ରତିଜ୍ଞା ସାହୁ, ଅଜୟ କୁମାର ସାମଲ, ବସନ୍ତ କୁମାର ସାହୁ, ହରେକୃଷ୍ଣ ପଣ୍ଡା ପ୍ରମୁଖ ଆଲୋଚନା କରିଥିଲେ ଏବଂ ପରିଶେଷରେ ନାରାୟଣ ଚନ୍ଦ୍ର ଦାସ କୃତଜ୍ଞତା ଜଣାଇଥିଲେ।... ୨୦.୭.୨୫ରେ ତାହାରପୁରସ୍ଥିତ ଶ୍ରୀଗୋପାଳଜୀଉ ହାଇସ୍କୁଲଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଲକ୍ଷ୍ମୀଧର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବାନନ୍ଦ ସାହୁ ଓ କୈଳାସ ଚନ୍ଦ୍ର କୁଅଁର "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୭.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନାଉପାଳର ୩୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରବି ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚତୁର୍ଭୂଜ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ "ଆମ ଶିକ୍ଷାକେନ୍ଦ୍ରର ଅତୀତ, ବର୍ତ୍ତମାନ ଓ

ଭବିଷ୍ୟତ” ସମ୍ପର୍କରେ ପୁରୁଷୋତ୍ତମ ନାୟକ, ଅଜୟ କୁମାର ସାମଲ, ବସନ୍ତ କୁମାର ସାହୁ, ଦଶରଥ ସାହୁ ପ୍ରମୁଖ ଆଲୋଚନା କରିଥିଲେ। ପରିଶେଷରେ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।... ୨୭.୭.୨୫ରେ ମାତୃନିଳୟମ୍ ଛତିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ର, ନେଳିଆର ବାର୍ଷିକୋତ୍ସବ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ପ୍ରପତ୍ତି ମହାଶୟ”ଙ୍କ ବିଷୟରେ ପ୍ରକାଶ କୁମାର ବେହେରା, ବଂଶୀଧର ରାଉତ, ହରିହର ମଲ୍ଲିକ, ଶତ୍ରୁଘ୍ନ ପ୍ରଧାନ ଆଲୋଚନା କରିଥିଲେ।... ୨୯.୭.୨୫ରେ ପାଣିକୋଇଲିସ୍ଥିତ ଦିବଂଗତ ସନାତନ ମହାପାତ୍ରଙ୍କ ଦ୍ୱାଦଶ ଦିବସରେ କୈଳାସ ଚନ୍ଦ୍ର କୁଅଁରଙ୍କ ସଂଯୋଜନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନମାଳୀ ଆଗ୍ରର୍ଯ୍ୟ, ଶଶିଭୂଷଣ ସାହୁ, ଧରିତ୍ରୀ ରାଉତ, ରବିପ୍ରସାଦ ସାମଲ, ଅମୂଲ୍ୟ କୁମାର ସାହୁ ତଥା ଅନ୍ୟମାନେ “ଜୀବନ ଓ ମୃତ୍ୟୁ” ସମ୍ପର୍କରେ ଆଲୋଚନା କରିଥିଲେ।... ୧.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରଗଡିର ପ୍ରତିଷ୍ଠା ଦିବସ ସୁକାନ୍ତି ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ମା’ଙ୍କ ଦିବ୍ୟ ଉପସ୍ଥିତି” ସମ୍ପର୍କରେ କୃଷ୍ଣଚନ୍ଦ୍ର କର, ମଦନମୋହନ କର, କୈଳାସ ସାମଲ ଓ ବନମାଳୀ ଆଗ୍ରର୍ଯ୍ୟ ଆଲୋଚନା କରିଥିଲେ।... ୩.୮.୨୫ରେ ମାତୃସଦନ, ଯାଜପୁରଠାରେ ଜିଲ୍ଲାସ୍ତରୀୟ ମାତୃକର୍ମୀ ସମ୍ମିଳନୀ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।... ୭.୮.୨୫ରେ ପାଣିକୋଇଲିସ୍ଥିତ କମଳାକାନ୍ତ ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ବର୍ତ୍ତମାନ ପରିସ୍ଥିତିରେ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା” ସମ୍ପର୍କରେ ଅଜୟ କୁମାର ପଲେଇ, ରମେଶ ଚନ୍ଦ୍ର ରାଉତ ଓ କୈଳାସ ଚନ୍ଦ୍ର କୁଅଁର ଆଲୋଚନା କରିଥିଲେ।... ୧୫.୮.୨୫ରେ ମାତୃସଦନ, ଯାଜପୁରଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମଦିବସ ରବିପ୍ରସାଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କହ୍ନେଇ ଚରଣ ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ବନମାଳୀ ଆଗ୍ରର୍ଯ୍ୟ “ଶ୍ରୀଅରବିନ୍ଦଙ୍କ ଉତ୍ତରପଡା ଅଭିଭାଷଣ” ବିଷୟରେ ଆଲୋଚନା କରିଥିଲେ ଏବଂ ପରିଶେଷରେ ସୁବାସ ଚନ୍ଦ୍ର ମହାନ୍ତି କୃତଜ୍ଞତା ଜ୍ଞାପନ କରିଥିଲେ।... ୧୫.୮.୨୫ରେ ମାତୃନିଳୟମ୍, ଛତିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅଶୋକ କୁମାର ମହାନ୍ତିଙ୍କ

ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭାରତର ନବଜନ୍ମ ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ବଂଶୀଧର ରାଉତ, ରାକେଶ କୁମାର ନାୟକ, ଭାଗିରଥି କର, ମିନତୀ ସାହୁ, ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ ।... ୧୫.୮.୨୫ରେ ଓଳରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବ ଅଜୟ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ଓ ଭବିଷ୍ୟତର ଭାରତବର୍ଷ" ସମ୍ପର୍କରେ ପ୍ରକାଶ କୁମାର ବେହେରା, ଅରୋମୀରା ପଡ଼ିଆରୀ ଓ ସରୋଜିନୀ ପଡ଼ିଆରୀ ଆଲୋଚନା କରିଥିଲେ ଏବଂ ସୁକାନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ।... ଜୁନ ଓ ଜୁଲାଇ ମାସରେ ବାଲମୁକୁଳି ହାଟସ୍ଥିତ ଚତୁର୍ଭୁଜ ସାହୁ ଏବଂ ନାଉପାଳସ୍ଥିତ ବସନ୍ତ କୁମାର ସାହୁଙ୍କ ବାସଭବନରେ ବିଂଝାରପୁର ବ୍ଲକସ୍ତରୀୟ ମାସିକ ସ୍ୱାଧ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୁଷୋତ୍ତମ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନା ଚକ୍ରରେ "ଯୋଗାଧାର" ପୁସ୍ତକରୁ କିଛି ଅଂଶ ମୀନକେତନ ତ୍ରିପାଠୀ, ଦେବ ପ୍ରସାଦ ସାମଲ, ଉମେଶ କୁମାର ସାମଲ, ଅଜୟ କୁମାର ସାମଲ, ପ୍ରତିଜ୍ଞା ସାହୁ, ପଦ୍ମିନୀ ସାହୁ, ମଞ୍ଜୁଲତା ସାହୁ, ବୈକୁଣ୍ଠନାଥ ସାହୁ ପ୍ରମୁଖ ଆଲୋଚନା କରିଥିଲେ ।

## ସମର୍ପଣ ମଣ୍ଡଳ

**କୋରାପୁଟ :-**... ୧.୭.୨୫ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ "ନିଜକୁ ଶାନ୍ତ ରଖ" ବିଷୟରେ ଆଲୋଚନା କରିଥିଲେ ।... ଜୁଲାଇ ୧୬ ଓ ୧୭ ତାରିଖରେ ଆମିନ ଲାଇନସ୍ଥିତ ଗୌରୀ ମୁଦୁଲି ଓ ଦଧିଚି ଲାଇନସ୍ଥିତ ଅନୁପ କୁମାର ନାଲାଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଟଙ୍କଧର ବେହେରା "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି ?" ଏବଂ "ଅହଙ୍କାରର ଗଣ୍ଠି" ବିଷୟରେ ଆଲୋଚନା କରିଥିଲେ ।... ୨୦.୭.୨୫ରେ ଟିକିରା ସାହିସ୍ଥିତ ତାରିଣୀ ଚରଣ ସାହୁଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଟଙ୍କଧର ବେହେରା "ଆଧ୍ୟାତ୍ମିକ ଅଭିଜ୍ଞତା" ବିଷୟରେ ଆଲୋଚନା କରିଥିଲେ ।... ଜୁଲାଇ ୪ ଓ ୬ରେ ପଣ୍ଡିଚେରୀ ଆଶ୍ରମର ସାଧକ ସ୍ୱର୍ଗତଃ ରାଜକୁମାର ଭାଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦ ଭବନ, ଜୟପୁର ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନକୁଳଗୁଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୨.୭.୨୫ରେ ଶ୍ରୀଅରବିନ୍ଦ କଳାପରିଷଦ ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ

ଶିକ୍ଷାକେନ୍ଦ୍ର, ବାରିଣିପୁଟଠାରେ ବିଦ୍ୟାଳୟ ସ୍ତରୀୟ କଳା ଶିକ୍ଷା କାର୍ଯ୍ୟକ୍ରମ ପଞ୍ଚାନନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ତ୍ରୁଟି ବିଚ୍ୟୁତି ଓ ସାଧନା" ଓ "ଛାତ୍ର" ସମ୍ପର୍କରେ ଆଲୋଚନା କରାଯାଇଛି।... ୨.୮.୨୫ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଜ୍ଞାନ ଓ ପ୍ରଜ୍ଞା" ବିଷୟରେ ଆଲୋଚନା କରିଥିଲେ।... ୭.୮.୨୫ରେ କୋରାପୁଟ ହାଉସିଂ ବୋର୍ଡ କଲୋନୀସ୍ଥିତ କୃଷ୍ଣ ଚନ୍ଦ୍ର ଗୁଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଟଙ୍କଧର ବେହେରା ଅଂଶଗ୍ରହଣ କରିଥିଲେ।... ୧୦.୮.୨୫ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ମହିଳା ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବରେ ପୂଷ୍ପିତା ମହାପାତ୍ର "ଆଧ୍ୟାତ୍ମିକତା ନାରୀମାନଙ୍କ ପ୍ରକୃତ କ୍ଷେତ୍ର" ଓ ସସ୍ମିତା ମିଶ୍ର "ମାଲିକ କିଏ" ବିଷୟରେ ଆଲୋଚନା କରିଥିଲେ।... ୧୪୮.୨୫ରେ ମାଲିସାହିସ୍ଥିତ କୁଳମଣି ନାୟକଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକଉତ୍ସବରେ ଉଷା ରାଣୀ ମହରଥା "ନାମଜପ" ବିଷୟରେ ଆଲୋଚନା କରିଥିଲେ।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୋରାପୁଟରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ପାଳନ ଅବସରରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ କଳ୍ପନା ସ୍ୱାଇଁ ଓ କଳ୍ପନା ରାଉତ "ଶ୍ରୀଅରବିନ୍ଦଙ୍କ ଜୀବନୀ" ଏବଂ ଟଙ୍କଧର ବେହେରା, ପ୍ରଶାନ୍ତ କୁମାର ସ୍ୱାଇଁ "ଶ୍ରୀଅରବିନ୍ଦ ଓ ଶ୍ରୀକୃଷ୍ଣଙ୍କ ଚେତନା" ବିଷୟରେ ଆଲୋଚନା କରିଥିଲେ।... ୧୭.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଦାମନଯୋଡିଠାରେ ଶ୍ରୀଅରବିନ୍ଦ ମେଡିକାଲ ପରିଷଦର ଜିଲ୍ଲାସ୍ତରୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ଼. ଦୁର୍ଗା ମାଧବ ପଣ୍ଡା, ଡ଼.ହରି ପ୍ରସାଦ ରଥ ଓ ଉମା ଶଙ୍କର ଆଚାରୀ ଅଂଶଗ୍ରହଣ କରିଥିଲେ ଏବଂ ହରେକୃଷ୍ଣ ମହାରଣା "ଆଶୁ ଚିକିତ୍ସା" ବିଷୟରେ ଅନୁଷ୍ଠିତ କର୍ମଶାଳାକୁ ପରିଚାଳନା କରିଥିଲେ।... ଏତଦ୍‌ବ୍ୟତୀତ ଅନ୍ ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିଜୟାନନ୍ଦ ଦାସ ଓ ସସ୍ମିତା ମିଶ୍ର ଦୀପକ ପ୍ରହରାଜଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶିକ୍ଷା" ଓ ଶ୍ରୀଅରବିନ୍ଦଙ୍କ ଡାକରା" ବିଷୟରେ ଆଲୋଚନା କରିଥିଲେ।

**ମାଲକାନଗିରି:-** ଜୁଲାଇ ୩୧, ଅଗଷ୍ଟ ୫, ୬, ୧୭, ୨୨ ଓ ୨୫ ତାରିଖରେ ବାଲିମେଳାସ୍ଥିତ ବୁଲୁ ମହାନ୍ତି, ରଞ୍ଜିତା ମହାନ୍ତି, ତାପଶୀ ମହାରଣା, ଦିଲୀପ ଭାଇ, ନିରଞ୍ଜନ ଭାଇ ଓ ସୁବର୍ଣ୍ଣ ପାତ୍ର ପ୍ରମୁଖଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୫.୮.୨୫ରେ ମାଲକାନଗିରିସ୍ଥିତ ପୁଷ୍ପାଞ୍ଜଳୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୮.୨୫ରେ ମାଲକାନଗିରିସ୍ଥିତ ଅଜୟ କୁଣ୍ଡୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ଅଗଷ୍ଟ ୧ ରୁ ୮, ୧୮ ଓ ୨୩ ତାରିଖ ପର୍ଯ୍ୟନ୍ତ ଏନ୍. ଭାସ୍କର, ରଜନୀକାନ୍ତ ବାରିକ, ଖଗେଶ୍ୱର ରାଉତ, ମନୋରଞ୍ଜନ ଓ ବିଚିତ୍ରାନନ୍ଦ ରାଉତ, ନିରୁପମା କୁଣ୍ଡୁ ଓ ସନ୍ତୋଷ କୁମାର ପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୨.୮.୨୫ରେ ପାରଲାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସରେ ଏକ ବକ୍ତୃତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ "ମହାଯୋଗୀ ଶ୍ରୀଅରବିନ୍ଦ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୮.୨୫ରେ କାଲିମେଳାସ୍ଥିତ ମହାବିଦ୍ୟାଳୟ, ଶିଶୁ ମନ୍ଦିରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମହାଯୋଗୀ ଶ୍ରୀଅରବିନ୍ଦ"ଙ୍କ ବିଷୟରେ ଆଲୋଚନା କରାଯାଇଥିଲା।... ୧୫.୮.୨୫ରେ କାଲଦାପାଲି ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନଙ୍କର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଲିମେଳାଠାରେ କୁଇଜ କାର୍ଯ୍ୟକ୍ରମ କରାଯାଇଛି।... ୨୫.୮.୨୫ରେ ବାଲିମେଳାସ୍ଥିତ କଳ୍ପତରୁ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

**ସମତା ମଣ୍ଡଳ**

**ସୁନ୍ଦରଗଡ:-** ଜୁଲାଇ ୨୨, ୨୪, ୩୦, ଅଗଷ୍ଟ ୫, ୧୨,୧୩, ୧୫ ଓ ୧୮ ତାରିଖରେ ଲଖନପୁରସ୍ଥିତ ଶ୍ରୀୟାନସିଂ, ଆଉଁଲାବାହାଲସ୍ଥିତ ଭୂମି ରଣା, ସ୍ୱାଗତ ପଟେଲ, କୁତୁରମାସ୍ଥିତ ଲିପି ସାହା, ଦିଆମୁଣ୍ଡାସ୍ଥିତ ଶ୍ରୀରାମ ପଟେଲ, ଭଞ୍ଜବାରସ୍ଥିତ ସୀମା ପଟେଲ, ବରପରାସ୍ଥିତ ପିୟୂଷ ସାହୁ, ବେନିଧିପାସ୍ଥିତ ଅର୍ଚ୍ଚିତା, ବେଲସେରାସ୍ଥିତ ଦୂର୍ଗାମାଧବ ରଣା ପ୍ରମୁଖଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ର ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ।... ୨୩.୭.୨୪ ତାରିଖରେ ଗମ୍ଭାରିଡିହିସ୍ଥିତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୧୫.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,

ଦିଆମୁଣ୍ଡାଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସରେ ଅନୁଷ୍ଠିତ ହୋଇଯାଇଥିବା ଶ୍ରୀଅରବିନ୍ଦ ପାଠଚକ୍ରରେ ଆରତୀ ପଟେଲ, ଧ୍ରୁବ ଚରଣ ପଟେଲ ଓ ଦୀପେଶ ପଟେଲ ଅଂଶଗ୍ରହଣ କରିଥିଲେ।

**ସଙ୍ଗତି ମଣ୍ଡଳ**

**ବରଗଡ:-** ୩୦.୭.୨୫ରେ ଭେଡେନସ୍ଥିତ କୁଳମଣି ସାହୁଙ୍କର ବାସଭବନରେ ଦିବ୍ୟଜନନୀ ଶ୍ରୀଅରବିନ୍ଦ ପାଠଚକ୍ରର ୩୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ କୁମାର ସାହୁ ଓ ପଞ୍ଚୁବନ କର୍ମ "ଯୋଗ ଓ ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ।

**ସମ୍ବଲପୁର:-** ୨୬.୭.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରେଢ଼ାଖୋଲର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।... ୨୮.୭.୨୫ରେ କୁଚିଣ୍ଡା ଏନ୍.ଏ.ସି. ୱାର୍ଡ ନଂ-୪ଠାରେ ଶୈଳବାଳା ନାୟକଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ଅଗଷ୍ଟ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଆଲୋକଧାମ, କିଣ୍ଡିରାଠାରେ ତିନିଦିନ ବ୍ୟାପୀ କୁଚିଣ୍ଡା ଓ ବାମାରା ବ୍ଲକର ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।... ଅଗଷ୍ଟ ୧୩ ଓ ୧୬ ତାରିଖରେ ସୁବର୍ଣ୍ଣପାଲି ଗ୍ରାମର ମନୋଜ ଖୁଣ୍ଟିଆଁ, ଅନୁପ୍ରାସ ମୋତି ଓ ପ୍ରୟାସ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୦.୮.୨୫ରେ ସୁବର୍ଣ୍ଣପାଲିଠାରେ ଜମନକିରା ବ୍ଲକର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ଟେଲିଫୋନ /ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**


**ପରିଚାଳକ**

# ପ୍ରାଚୀନ ଭାରତୀୟ ବିଜ୍ଞାନ : ଅତୀତ ଭବିଷ୍ୟତକୁ ଲମ୍ଫ ପ୍ରଦାନ କରିବାର ଏକ ସହାୟକ ଯନ୍ତ୍ର

**ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ**

ଶ୍ରୀଅରବିନ୍ଦ ଇଂଜିନିୟରିଙ୍ଗ୍ ଆଣ୍ଡ ଟେକ୍‌ନିକାଲ୍ ଗ୍ରୁପ୍ (SAETG) ଆନୁକୁଲ୍ୟରେ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ଦ୍ୱାରା ପ୍ରତ୍ୟେକ ବର୍ଷ ଏକ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଥାଏ । ପ୍ରତ୍ୟେକ ବର୍ଷ ଏକ ବିଶେଷ ବିଷୟ ରଖାଯାଏ ଯାହା ଆମକୁ କେବଳ ବିଜ୍ଞାନ ଭିତ୍ତିକ ବିଷୟବସ୍ତୁରେ ସୀମିତ ରଖେ ନାହିଁ । ଏକ ଉଚ୍ଚତର ଆଧ୍ୟାତ୍ମିକ ସମ୍ଭାବନା, ଏକ ନୂତନ ଉନ୍ମୀଳନ ଆଡ଼କୁ ଆମ ଚେତନାକୁ ନେଇଯାଏ । ସେହି କ୍ରମରେ ଏ ବର୍ଷର ବିଷୟବସ୍ତୁ ହେଉଛି "Ancient Indian Science : The past must be a springboard towards the future" ଅର୍ଥାତ୍, "ପ୍ରାଚୀନ ଭାରତୀୟ ବିଜ୍ଞାନ : ଅତୀତ ହେଉଛି ଭବିଷ୍ୟତକୁ ଲମ୍ଫ ପ୍ରଦାନ କରିବାର ଏକ ସହାୟକ ଯନ୍ତ୍ର" ।

ଆମ ଦେଶ ଭାରତବର୍ଷର ଏକ ଗୌରବମୟ ଅତୀତ ରହିଛି । ପ୍ରାଚୀନ ଭାରତ ଜୀବନର ସମସ୍ତ କ୍ଷେତ୍ରରେ, କଳା, ବିଜ୍ଞାନ, ସାମାଜିକ ସ୍ତର - ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିଲା । ପ୍ରାଚୀନ ଭାରତର ବିଜ୍ଞାନ ଉନ୍ନତିର ଚରମ ଶିଖରରେ ଥିଲା । ଗଣିତ, ଉଦ୍ଭିଦ, ଚିକିତ୍ସା, ଜ୍ୟୋତିର୍ବିଜ୍ଞାନ, ରସାୟନ ବିଜ୍ଞାନ, ସ୍ଥାପତ୍ୟ ଶିଳ୍ପ ପ୍ରତ୍ୟେକ କ୍ଷେତ୍ରରେ ଅନେକ ପ୍ରୟୋଗାତ୍ମକ ଉଦ୍ଭାବନ ହୋଇଥିଲା । ସମସ୍ତ ବିଷୟରେ ଶାସ୍ତ୍ର ରହିଥିଲା ଯେଉଁଥିରୁ ଅଧିକାଂଶ ଭାଗ ବର୍ତ୍ତମାନ ଲୁପ୍ତ, ଯାହା ରହିଛି ସେଗୁଡ଼ିକ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକାଂଶରେ ଅବୋଧ । ବର୍ତ୍ତମାନ ଏହି ବିଷୟରେ ସର୍ବତ୍ର ଜାଗରଣ ଦେଖାଯାଉଛି; ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଅନେକେ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ କରୁଛନ୍ତି । ପ୍ରାଚୀନ ଭାରତର ବିଜ୍ଞାନ କେବଳ ଜଡ଼ବିଜ୍ଞାନ ନଥିଲା, ଜଡ଼ବିଜ୍ଞାନ ସହ ଆତ୍ମବିଜ୍ଞାନର ଏକ ସମ୍ମିଶ୍ରଣ ଥିଲା । ଏହା ଚେତନାହୀନ ନୁହେଁ ବରଂ







ଚେତନାଯୁକ୍ତ ଥିଲା । ସେଥିପାଇଁ ଅନେକ ସମସ୍ୟାର ସମାଧାନର ପଥ ଥିଲା ବର୍ତ୍ତମାନଠାରୁ ଭିନ୍ନ । ଅଧିକାଂଶ ସମୟରେ ସ୍ଥୂଳ ସହିତ ସୂକ୍ଷ୍ମର, ବସ୍ତୁ ସହିତ ପରିପାର୍ଶ୍ୱର ସଙ୍ଗମ ହେଉଥିଲା । ବର୍ତ୍ତମାନ ଏହି କୌଶଳକୁ ଆଧୁନିକ ବିଜ୍ଞାନ ମଧ୍ୟ ଆପଣେଇ ନେଲାଣି । ଅତୀତ ଯେତେ ଗୌରବମୟ ହେଲେ ମଧ୍ୟ ତାହା ତା'ର ପ୍ରାଚୀନ ରୂପରେ ଫେରିଆସିବ ନାହିଁ, ଆସିଲେ ମଧ୍ୟ ସାମ୍ପ୍ରତିକ ସମୟରେ ତା'ର ପ୍ରାସଙ୍ଗିକତା ରହିବ ନାହିଁ । ଗୌରବମୟ ଅତୀତର ପୁନରୁଦ୍ଧାର ଆବଶ୍ୟକ ଯାହା ଏକ ନୂତନ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବ । ଏହାହିଁ ଏବର୍ଷର ବିଜ୍ଞାନ ମେଳାର ବିଷୟବସ୍ତୁ । ଏହି ବିଷୟବସ୍ତୁ ଉପରେ ଅଧାରିତ କେତେକ ପ୍ରୋଜେକ୍ଟ ଉପରେ ଆଲୋକପାତ କରିବା –

**ପ୍ରୋଜେକ୍ଟ ନାମ – ଗାବ୍ୟମ୍**

ଆମ ସମାଜରେ ଗୋମାତା ପୂଜ୍ୟା, ମାତୃସ୍ୱରୂପା । ପ୍ରାଚୀନ ଭାରତରେ ଗୋମୂତ୍ରକୁ ଅନେକ କ୍ଷେତ୍ରରେ ପ୍ରୟୋଗ କରାଯାଉଥିଲା । ତାହାର ଏକ ଶ୍ଳୋକ ବାମ ପଟେ ରହିଛି । ଡାହାଣ ପଟେ ରହିଛି ବର୍ତ୍ତମାନର ଦୁଇଟି ପ୍ରୟୋଗାତ୍ମକ ପଦାର୍ଥର ଉଦାହରଣ ଗୋମୂତ୍ର ଅର୍କ, ପଞ୍ଚଗାବ୍ୟ । ବିଭିନ୍ନ କ୍ଷେତ୍ରରେ ଏହାର ପ୍ରୟୋଗ ରହିଛି । ଗୋଟିଏ ସ୍ୱାସ୍ଥ୍ୟ ସହିତ ସମ୍ପର୍କିତ ହେଲାବେଳେ ଅନ୍ୟଟି କୃଷି ସହିତ ସମ୍ପୃକ୍ତ । ଆମେ ପ୍ରୋଜେକ୍ଟ କଲାବେଳେ ନିମ୍ନ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ।




**ପ୍ରାଚୀନ ଶାସ୍ତ୍ର ସହିତ ଏହା କିପରି ସମ୍ପର୍କିତ**

**ଏହାକୁ କିପରି ପ୍ରସ୍ତୁତ କରାଯାଏ ?**

**ଏହାର ପ୍ରୟୋଗ କେଉଁ କ୍ଷେତ୍ରରେ କରାଯାଉଛି ଓ ତାହାର ଉପକାରିତା କଣ ?**

**ଆମର ଉଜ୍ଜ୍ୱଳ ଭବିଷ୍ୟତରେ ଏହାର ଯୋଗଦାନ କ'ଣ ହୋଇପାରିବ ?**

ଏହିପରି ଅନେକ ପ୍ରକଳ୍ପ ରହିଛି । ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ତରଫରୁ ଅନେକ ୱେବିନାର ଆୟୋଜିତ ହୋଇସାରିଲାଣି । ସେଗୁଡ଼ିକର ରେକର୍ଡ଼ିଂ YouTube Channel (SAETG Odisha) ରେ ଉପଲବ୍ଧ ଅଛି । ଏ ସମ୍ବନ୍ଧରେ ଛଅଟି ବିଷୟରେ ଆଲୋଚନା ସରିଗଲାଣି ଏବଂ ଭାରତୀୟ ବୈଜ୍ଞାନିକଙ୍କ ସମ୍ବନ୍ଧରେ ଏକ କୁଇଜ ଅନୁଷ୍ଠିତ ହୋଇଯାଇଛି । ଅଧିକ ତଥ୍ୟ ନିମନ୍ତେ ସବୁଭିଡ଼ିଓକୁ ଦେଖନ୍ତୁ ।  ଏ ବର୍ଷ ବିଜ୍ଞାନ ମେଳା ଅକ୍ଟୋବର ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ । ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ଆପଣମାନେ ପ୍ରତି ସ୍କୁଲରୁ ସର୍ବାଧିକ ଦୁଇଟି ପ୍ରୋଜେକ୍ଟ ଆଣିପାରିବେ । ପଞ୍ଚମରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଭାଗ ନେଇପାରିବେ । ଆସିବା ପୂର୍ବରୁ ସୂଚନା Google Form  ଦ୍ୱାରା ତଥ୍ୟ ପ୍ରଦାନ କରିବେ ।  ବିଜ୍ଞାନ ମେଳାରେ ପ୍ରାଚୀନ  ଭାରତୀୟ ବୈଜ୍ଞାନିକଙ୍କ ସମ୍ବନ୍ଧରେ ଏକ କୁଇଜ ଅନୁଷ୍ଠିତ ହେବ । ତେଣୁ ପିଲାମାନେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ବିଷୟ ସମ୍ପର୍କିତ କିଛି ପ୍ରଶ୍ନ ଥିଲେ ତାହା ନିଶିଥ ଭାଇ Mb - ୯୪୩୯୫୫୧୭୬୪, ପଦ୍ମଲୋଚନ ଭାଇ Mb - ୯୮୫୩୮୪୮୨୨୮ରେ ପଠାଇ ପାରିବେ । ଏହି କାର୍ଯ୍ୟରେ ଯୋଗଦାନ କରିପାରିବା ହେଲା ଆମପାଇଁ ଏକ ସୁଯୋଗ - ଆମ ଦେଶର ଗୌରବମୟ ଅତୀତ ସମ୍ପର୍କରେ ଆମେ ଜାଣିପାରିବା ଏବଂ ଆମର ଉଜ୍ଜ୍ୱଳ ଭବିଷ୍ୟତ ସମର୍କରେ ଆମର ଏକ ସ୍ୱଚ୍ଛତା ଆସିବ ।

YouTube Channel (SAETG Odisha)ର ଗୋଟିଏ link -
https://youtu.be/
IIRIXuhRCbk?si=NU6DnTEcH7egr8OA

## State Level Programs of Sri Aurobindo Engineering and Technical Group

Sri Aurobindo Engineering and Technical Group (SAETG) is going to oragnise its 28th All Orissa Annual Conference on the 12th October 2025 and the 20th Annual State Level Science Fair of Sri Aurobindo Bigyana Parishada (a unit of SAETG) on 25th and 26th October 2025 at Matrubhaban, Cuttack. Theme for this year is "Ancient Indian Science: The past must be a spring board towards the future"

All are invited to participate.

28th All Orissa Annual Conference of Sri Aurobindo Engineering & Technical Group

12th October 2025 | Matrubhaban, Cuttack

10:00 AM – 11:00 PM: Inaugural Session

11:00 AM – 01:00 PM: Technical Symposium: "Ancient Indian Knowledge in Architectural Perspective"

- Homes in harmony
- Buildings for climate
- Nature's materials for construction

02:00 PM – 04:00 PM: Panel discussion: "To be a true doer of the divine works …"

04:30 PM – 06:00 PM: Organisational Meeting & Closure

20th Annual State Level Science Fair of Sri Aurobindo Bigyana Parishada

25th & 26th October 2025 | Matrubhaban, Cuttack

Like every year, the science fair will be inaugurated on the first day (25th October 2025) and Science exhibition will be held on the second day (26th October 2025). There will be a quiz program for participating students.

Science fair will be open to students of standard 5th to 12th of Sri Aurobindo Integral Education Centres. Interested schools need to register with details of projects by 5th October 2025. Link to share the details online along with further details of the program will be circulated through Whatsapp.

**Contacts:**

Conference: Satyajit Bhai (9439818641)

Science fair: Jashaswini Apa: 9437277208

Nisith Bhai: 9439551774, Padmalochana bhai: 9853848228

**THE MATRUBHABAN PATRA**

**Date of Publication 19.07.2025** **JULY 2025**

RNI Regn. No. 65218/91 Registered OR/CK (C) -22/2024-26

# ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩**

## ରାଜ୍ୟ ସ୍ତରୀୟ ଆଲୋକସେନା ତାଲିମ ଶିବିର

**୨୯.୦୯.୨୦୨୫ ରୁ ୦୩.୧୦.୨୦୨୫**

ସମ୍ମାନନୀୟ ଭାଇ/ଅପା,

ଶ୍ରଦ୍ଧା ଓ ସମ୍ମାନ ଗ୍ରହଣ କରିବେ । ଆପଣ ଜାଣିଥିବେ ଯେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ବାର୍ଷିକ "ଆଲୋକ ସେନା ତାଲିମ ଶିବିର" କଟକ ମାତୃଭବନଠାରେ ଆସନ୍ତା **ସେପ୍ଟେମ୍ବର ୨୯ ତାରିଖ ଠାରୁ ଅକ୍ଟୋବର ୦୩** ତାରିଖ ପର୍ଯ୍ୟନ୍ତ (୫ ଦିନ ପାଇଁ) ଅନୁଷ୍ଠିତ ହେବ । ଆମେ ଜାଣୁ ଆଲୋକସେନା ମାନଙ୍କର ଓଡ଼ିଶାରେ ମାତୃକର୍ମରେ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ସେ ଦୃଷ୍ଟିରୁ ଆପଣଙ୍କ ଜିଲ୍ଲାରେ ସକ୍ରୀୟ ଥିବା ଆଲୋକସେନା କର୍ମୀ ଦୁଇଜଣଙ୍କୁ ଏହି ଶିବିରରେ ଯୋଗଦେବାପାଇଁ ନିଶ୍ଚୟ ପଠାଇବେ । ଏହି ଶିବିର ୨୯ ତାରିଖ ପୂର୍ବାହ୍ନ ୧୦ ଟା ରେ ଆରମ୍ଭ ହୋଇ ୩ ତାରିଖ ଅପରାହ୍ନରେ ଶେଷ ହେବ ଏବଂ ଏଥିପାଇଁ କୌଣସି ପ୍ରତିନିଧି ଚାନ୍ଦା ନିଆଯିବ ନାହିଁ । ମନେରଖନ୍ତୁ, ଆପଣଙ୍କ ଜିଲ୍ଲାରେ ମାତୃକର୍ମର ପ୍ରସାର ଏହି କର୍ମୀମାନଙ୍କ ତାଲିମ ଉପରେ ହିଁ ଅଧିକ ଭାବରେ ନିର୍ଭର କରେ । ତେଣୁ ଏ ପତ୍ରକୁ ଯଥେଷ୍ଟ ଗୁରୁତ୍ୱ ଦେବେ ଏବଂ ଆପଣଙ୍କ ଜିଲ୍ଲାରୁ ଅନ୍ତତଃ ଦୁଇଜଣ କର୍ମୀଙ୍କୁ ଏହି ତାଲିମ ଶିବିରରେ ଯୋଗଦେବା ନିମନ୍ତେ ନିଶ୍ଚୟ ପଠାଇବେ । ଶିବିର ମଝିରୁ କେହି ଯେପରି ଛାଡ଼ିକରି ନ ଯାଆନ୍ତି ।

ଦୟାକରି ସାଙ୍ଗରେ ନିଜ ପିଲାମାନଙ୍କୁ କିମ୍ବା ସ୍କୁଲ ପିଲାମାନଙ୍କୁ ନେଇକରି ଆସିବେ ନାହିଁ ।

*ଆପଣଙ୍କର*

**( ବାବୁଲି ଭାଇ )**

ନିଜର ନୈତିକ ଦାୟିତ୍ୱ ଦୃଷ୍ଟିରୁ ପ୍ରତ୍ୟେକ ଜିଲ୍ଲାର ଆଲୋକସେନାର ଆବାହକ ମାନେ ଏହି ଶିବିରରେ ଯୋଗ ଦେବା ଉଚିତ୍ । ସମସ୍ତ ଜିଲ୍ଲା ଆବାହକ ମାନେ ଏ ସମ୍ପର୍କରେ ଦୟାକରି ଦୃଷ୍ଟି ଦେବାକୁ ଅନୁରୋଧ ।

**ପ୍ରତିଷ୍ଠାତା – ଗଦାଧର ମିଶ୍ର** **ପରିଚାଳନା – ପ୍ରସାଦ**

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.

E-mail : matrubhaban@gmail.com Please visit us at : www.motherorissa.com